## ପାଣି ପାଇଁ ଜିଲ୍ଲା ପରିଷଦ ବୈଠକରେ ହୋହଲ୍ଲା

# ଅସନ୍ତୁଷ୍ଟ ସଭ୍ୟଙ୍କ କକ୍ଷତ୍ୟାଗ

ନୂଆପଡ଼ା, ୮ ।୫(ସମିସ)



ଶୁକ୍ରବାର ଦିନ ବହୁ ପ୍ରତିକ୍ଷୀତ ୬ଷ୍ଠ ଜିଲ୍ଲାପରିଷଦ ବୈଠକ ତୁମ୍ବି ତୋଫାନରେ ଶେଷ ହୋଇଥିବା ବେଳେ ଜିଲ୍ଲାର ବାକି ସମସ୍ୟା କମ ପତୋରା ଡ୍ୟାମ୍‌ର ପାଣି ସମସ୍ୟା ଯୋର ଧରିଥିଲା । ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାମାନେ ଜିଲ୍ଲାପାଳଙ୍କ ଉତ୍ତର ସନ୍ତୋଷ ଜନକ ନୁହେଁ ବୋଲି ଅଡ଼ିବସି କକ୍ଷ ତ୍ୟାଗ କରିଥିଲେ । ପରେ ଜିଲ୍ଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ପରେ ବୈଠକ ପୂର୍ବବତ ଚାଲିଥିଲା । ପୂର୍ବାହ୍ଣ ୧୧ଟାବେଳେ ଜିଲ୍ଲାପରିଷଦ ଅଧକ୍ଷା ଡଲି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଲମ୍ବୋଦର ଧରୁଆ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାରେ ଶିକ୍ଷା, ପାନୀୟଜଳ, ମଙ୍ଗଳ ବିଭାଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହିକ୍ରମରେ ନୂଆପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପତୋରା ଡ୍ୟାମ୍‌ରେ ଉପୁଜୁଥିବା ପାଣି ସମସ୍ୟା ଉପରେ ଜିଲ୍ଲାପରିଷଦ ସଭ୍ୟ ସହ ଖଡିଆଳ ବିଧାୟକ ଉପସ୍ଥାପନ କରିଥିଲେ । ଏହି ଡ୍ୟାମ୍ ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିର ଚାଷ ନଷ୍ଟ ହେଲାଣି । ଏଥିପାଇଁ ପ୍ରଶାସନ ଦାୟୀ ବୋଲି କହିଥିଲେ । ଅନ୍ୟପକ୍ଷେ ଜିଲ୍ଲାପାଳ ଉପସ୍ଥାପନ କରି କହିଥିଲେ ଯେ ୧୯ ୫୧ହେକ୍ଟର ଜମିରେ ଚାଷ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ୩ହଜାରରୁ ଅଧିକ ଜମିରେ ଚାଷୀମାନେ ଚାଷ କରିଦେଇଛନ୍ତି । ବର୍ତ୍ତମାନ ପାଣି ଶୁଖିଯିବାଫଳରେ ପାଣି ନିଅଣ୍ଟ ହେଉଛି । ଏହା ଉପରେ ଏକ ଉଚ୍ଚସ୍ତରୀୟ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ତଦନ୍ତ କରୁଛି । ସେହି ରିପୋର୍ଟ ଭିତିରେ କାର୍ଯ୍ୟାନୁଷ୍ଠାନ ସହ ପରବର୍ତି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ । ଏହା ସନ୍ତୋଷ ଜନକ ଉତର ନୁହେଁ, ନିର୍ଦ୍ଧାରିତ ଜଳଚକ୍ରରେ ପାଣି ଯୋଗାଇବାରେ ପ୍ରଶାସନ ଫେଲ ମାରିଛି ବୋଲି ବିଧାୟକ ସମେତ ଜିଲ୍ଲାପରିଷଦ ଅଧକ୍ଷା, ସଭ୍ୟସଭ୍ୟାମାନେ କକ୍ଷ ତ୍ୟାଗ କରିଥିଲେ । ଅନ୍ୟପଟେ ବିଜେଡି ତରଫରୁ ଚାଷୀମାନଙ୍କୁ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ଚାଲିଥିଲା । ଏଥିରେ ସମସ୍ତ ସଭ୍ୟମାନେ ସାମିଲ ହୋଇ ଦାବିକୁ ଯୋରଦାର କରିଥିଲେ । ଦୀର୍ଘ ସମୟ ପରେ ଜିଲ୍ଲାପାଳଙ୍କ ସହ ଏମପି ଧାରଣାସ୍ଥଳକୁ

### ଭାରି ପଡ଼ିଲା ଜିଲ୍ଲାର ପାଣି ସମସ୍ୟା ଚର୍ଚ୍ଚା

ଆସି ଚାଷୀମାନଙ୍କୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନରୁ ଓହରିଯାଇଥିଲେ । ପରେ ପୂର୍ବବତ ବୈଠକ ଚାଲିଥିଲା । ତେବେ ଚାଷ ଏବଂ ଚାଷୀଙ୍କ ସମସ୍ୟାକୁ ନେଇ ସରକାର ପ୍ରଶାସନ ଗୁରୁତ୍ୱ ଦେବାକୁ ସଭ୍ୟମାନେ କହିଥିଲେ । ପ୍ରଶାସନ ମଧ୍ୟ ସମ୍ବେଦନଶୀଳ ବୋଲି ଜିଲ୍ଲାପାଳ କହିଥିଲେ । ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ସାରସଗୁଡ଼ାଗ୍ରାମରେ ଡକାୟତି

# ନଗଦ ଟଙ୍କା ସହ ସୁନା ଗହଣା ଲୁଟ୍

**ଧର୍ମଗଡ଼/ଗୋଲାମୁଣ୍ଡା, ୮ ।୫ (ସମିସ):** ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡିର ସାରସଗୁଡାଗ୍ରାମରେ ଚାଞ୍ଚଲ୍ୟକର ଡକାୟତି ଘଟିଛି । ମଧ୍ୟରାତ୍ରିରେ ନିରଞ୍ଜନ ଅଘରିଆଙ୍କ ଘରେ ଦୁର୍ବୃତ୍ତମାନେ ପ୍ରବେଶ କରି ନଗଦ ୨ଲକ୍ଷ ଟଙ୍କା, ୨ଭରି ସୁନା, ୫୦ଭରି ରୁପା ଓ ୩୫୦୦ଖୁଚୁରା ଟଙ୍କା ଲୁଟି ନେଇଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟରାତ୍ରିରେ ଘର ମାଲିକ ସମେତ ପରିବାର ଲୋକେ ପ୍ରବଳ ଗରମରୁ ଛାତ ଉପରେ ଶୋଇଥିଲେ । ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ନିରଞ୍ଜନ ଅଘରିଆଙ୍କ ଘରର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ଘରେ ଥିବା ସୁନା, ରୁପା ସାଙ୍ଗକୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ଡକାୟତି ପରେ ପରିବାର ଲୋକେ ଦଶପୁର ଫାଣ୍ଡିରେ ଏତଲା ଦେଇଛନ୍ତି । ଏତଲା ପାଇବା ପରେ ଦଶପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୁଲିସ ଘର ମାଲିକ ଓ ପରିବାର ଲୋକଙ୍କ ସହିତ କଥାବାର୍ତ୍ତା କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରୁଛି । ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ନିରାପତ୍ତା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଖଣ୍ଡିଡଙ୍ଗରିଗୁଡ଼ା ବାଲିଘାଟକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ



**କଲମପୁର, ୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ହାତୀ ନଦୀର ଏକାଧିକ ବାଲି ଖାଦାନ ଗୁଡିକୁ ସରକାର ନିଲାମ କରିଛନ୍ତି । ସେ ମଧ୍ୟରେ ରହିଛି ଖଣ୍ଡିଡଙ୍ଗରିଗୁଡା ବାଲି ଘାଟ, ସେହି ବାଲିଘାଟରୁ ବାଲି ଉତ୍ତୋଳନ ନ କରିବା ସକାଶେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱର ହେବ ଗ୍ରାମବାସୀ ଦାବିକରି ଆସୁଛନ୍ତି । ଗ୍ରାମବାସୀଙ୍କ ମତରେ ବାଲି ଉତ୍ତୋଳନ ହେଲେ ନଦୀ କୂଳ ଖାଇ ଗ୍ରାମ ନଦୀରେ ଲିନ ହୋଇ ଯିବ, ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଯାନବାହାନରେ ବାଲି ପରିବହନ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା କରି ଗ୍ରାମବାସୀ ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରି ଆସୁଛନ୍ତି । ଏହା ପୂର୍ବରୁ ଗ୍ରାମବାସୀ ତହସିଲ, ଥାନା ସମେତ ଖଣି ବିଭାଗକୁ ଘେରାଉ କରିଥିବା ବେଳେ ଅନେକ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ଅନ୍ୟପଟେ ଲିଜଧାରି ମଧ୍ୟ ନିଜ ଜିଦରେ ଅଟଳ ରହିଛି । ସେ ମଧ୍ୟ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ତହସିଲ ଓ ଖଣି ବିଭାଗ ସମେତ ପୋଲିସ ଫୋର୍ସ ନେଇ ବାଲି ଉତ୍ତୋଳନ କରିବାକୁ ଚେଷ୍ଟା କରି ଆସୁଛି । ହେଲେ ବାରମ୍ବାର ଉଦ୍ୟମକୁ ଗ୍ରାମବାସୀମାନେ ବିଫଳ କରି ଆସୁଛନ୍ତି । ଏପରିପେକ୍ଷିରେ ବାଲିଘାଟ ଲିଜଧାରି ଗତ ବୁଧବାର ଦିନ ବଳ ପୂର୍ବକ ବାଲି ଉତ୍ତୋଳନ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ସୂଚନା ପାଇବା ପରେ ଗୁରୁବାର ଦିନ ସମଗ୍ର ଗ୍ରାମବାସୀ ବାଲିଘାଟକୁ ଜଗି ରହିଥିଲେ । କିନ୍ତୁ ଗୁରୁବାର ଦିନ ଗ୍ରାମବାସୀଙ୍କ ରୋଷରୁ ବର୍ତ୍ତିବା ପାଇଁ ଲିଜଧାରି ବାଲି ଉତ୍ତୋଳନ କରି ପାରି ନ ଥିଲେ । ଗ୍ରାମବାସୀମାନେ ଏନେଇ ଉପଖଣ୍ଡ ଡିଡିଏମ ଓ ଜିଲ୍ଲା ଖଣି ବିଭାଗକୁ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି । ଖୁବଶୀଘ୍ର ଆମେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ଶିବିରରେ ଏନେଇ ଅଭିଯୋଗ କରିବୁ ଓ ରାଜ୍ୟ ଖଣିମନ୍ତ୍ରୀଙ୍କ ଠାରେ ମଧ୍ୟ ଫେରାଦ ହେବୁ ବୋଲି ଗ୍ରାମବାସୀମାନେ ସୂଚନା ଦେଇଛନ୍ତି ।

## ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ଉତ୍ତିଷ୍ଠତରେ 'ମାନବିକତାରେ ଏକତା'

**ଭବାନୀପାଟଣା, ୮ ।୫ (ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରେରଣାଦାୟୀ ନିରବଚ୍ଛିନ୍ନ ବକ୍ତୃତାମାଳା 'ଉତ୍ତିଷ୍ଠତ'ର ୨୬୧ତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କ ପ୍ରେରଣାରେ ଆୟୋଜିତ ଆଲୋଚନାଚକ୍ରରେ ନିମନ୍ତ୍ରିତ ବକ୍ତା ଭାବେ ଯୁବ ରେଡକ୍ରସର ରାଜ୍ୟ ସଂଯୋଜକ ଅଧ୍ୟାପକ ଗୋପାଳ କୃଷ୍ଣ ମିଶ୍ର ଯୋଗଦେଇ ଚଳିତ ବର୍ଷର ରେଡକ୍ରସ୍ ଦିବସର ବାର୍ତ୍ତା 'ମାନବିକତା ପାଇଁ ଏକତା' ବିଷୟରେ ଆଲୋକପାତ କରିବା ସହ ରାଜ୍ୟ ଯୁବ ରେଡକ୍ରସରେ କଳାହାଣ୍ଡି ଜିଲ୍ଲାର ଉଲ୍ଲେଖନୀୟ କାର୍ଯ୍ୟଧାରା ପାଇଁ ପ୍ରଶଂସା କରିଥିଲେ । ଆବାହକ ମେଜର ଡ.ଜୟଦେବ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଆଭାସୀ ବକ୍ତୃତାମାଳାରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଓ ନିମନ୍ତ୍ରିତ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ । ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଷି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସମ୍ପାଦକ ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ତଥା ସମଗ୍ର ରାଜ୍ୟରୁ ଅନେକ ବୁଦ୍ଧିଜୀବୀ, ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ■ ତେଲନଦୀ ବ୍ରିଜ୍ ଉପରେ ଦୁର୍ଘଟଣା

# କାର୍‌କୁ ପିଟିଲା ପିକ୍‌ଅପ୍

**କେସିଙ୍ଗା, ୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥ ମନ୍ଦିର ଛକରୁ ଟିଟଲାଗଡ଼ ଯିବାକୁ ରାସ୍ତାରେ ଥିବା କେସିଙ୍ଗା ବ୍ରିଜ ଉପରେ ଶୁକ୍ରବାର ଦିନ କାର୍‌କୁ ପିକ୍‌ଅପ ଧକ୍କା ଦେବାରୁ କାର୍ ବସିଥିବା ୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ କେସିଙ୍ଗା ଥାନା ଉତ୍କେଲା ଗ୍ରାମର ବିମଳ କୁମାର ଜୈନ କୌଣସି କାମ ପାଇଁ ଟିଟଲାଗଡ଼ ପଟେ ଯାଇ ନିଜ କାର୍ ଯୋଗେ ଫେରୁଥିବା ବେଳେ ତେଲ ନଦୀ ବ୍ରିଜ ଉପରେ



ସୁଜି, ଅଟା ବୋଝେଇ ହୋଇ କେସିଙ୍ଗା ପଟେ ଆସୁଥିବା ପିକଅପ୍ ଗାଡ଼ି କାର୍‌କୁ ଜୋର୍‌ରେ ପିଟି ଦେଇଥିଲା । କାର୍‌ର ପଛ ପଟ ସମ୍ପୂର୍ଣ୍ଣ କ୍ଷତି ଗ୍ରସ୍ତ ହୋଇଥିବା ବେଳେ କାର ଭିତରେ ବସିଥିବା ଶ୍ରୀ ଜୈନଙ୍କ ଧର୍ମ ପତ୍ନୀ ବେହୋସ ହୋଇ ଯାଇଥିଲେ । ତାଙ୍କୁ ଚିକିତ୍ସା ପାଇଁ କେସିଙ୍ଗା ମେଡିକାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା ବର୍ତ୍ତମାନ ସେ ଭଲ ଥିବା ସୂଚନା ମିଳିଛି । ଯାହାବି ହେଉ ଭଗବାନଙ୍କ କୃପାରୁ କାର୍ ବ୍ରିଜ ତଳକୁ ନଖସି ଅଟକି ରହିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି ।

# ୭ ବାର୍‌ହା ଶିକାରୀ ଗିରଫ, ୪୫ କିଲୋ ମାଂସ ଜବତ

**କୋମନା, ୮ ।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗକୁ ବଡ଼ ସଫଳତା ମିଳିଛି । ଜଙ୍ଗଲରେ ବାର୍‌ହା ଶିକାର କରି ମାଂସ ଭାଗବଣ୍ଟା କରୁଥିବା ସମୟରେ ବନ ବିଭାଗ ଚଢ଼ଉ କରି ୭ଜଣ ଶିକାରୀଙ୍କୁ ଗିରଫ କରିବା ସହ ବିପୁଳ ମାଂସ ଓ ଶିକାର ପାଇଁ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରିଛି । ବିଶେଷ ସୂତ୍ରରୁ ଖବର ପାଇ କୋମନା ବନ ବିଭାଗର ସ୍ୱତନ୍ତ୍ର ଟିମ୍ ତଦ୍ଧଲସି ଜଙ୍ଗଲର କମକେଡା ଗାଁ ନିକଟରେ ଚଢ଼ଉ କରିଥିଲଶ । ସେଠାରେ ଦୁଇଟି ବାରହା ଶିକାର କରି କିଛି ବ୍ୟକ୍ତି ମାଂସ ଭାଗ କରୁଥିବା ବେଳେ ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରିଥିଲେ । ଗିରଫ ହୋଇଥିବା ଶିକାରୀମାନେ ହେଲେ ସୁକଦେବ ପହରିଆ (୩୩), ଢୁକୁଲାପଡ଼ା, ଇନ୍ଦ୍ରଜ ପହରିଆ (୩୫), ଢୁକୁଲାପଡ଼ା, ସୁରେଶ ପରାଭୁଏ (୩୭), କାଳିମାଟି, ସହଦେବ ପରାଭୁଏ (୨୩), ଢୁକୁଲାପଡ଼ା, ଆରତ ପହରିଆ, ଢୁକୁଲାପଡ଼ା, ଲଳିନ୍ଦ୍ର ନାଏକ (୨୬), କାଳିମାଟି, ଛଲକଟା ଶବର (୬୫), କମକେଡା । ବନ ବିଭାଗ ଶିକାରୀଙ୍କ ନିକଟରୁ ୪୫ କିଲୋଗ୍ରାମ ବାରହା ମାଂସ (୨ଟି ବାରହା), ୫ଟି ଧନୁ ଓ ୨୧ଟି ଶର, ୨ଟି ଟାଙ୍ଗିଆ ଖଡ଼ିଆଳ ବନଖଣ୍ଡ ଏସିଏଫ ମହମ୍ମଦ ମୁସ୍ତଫା ସଲେହା, ରେଞ୍ଜର ଦେବଦତ୍ତ ସୁତାର, ଫରେଷ୍ଟର ଉତ୍ତମ ମେହେର, ଧର୍ମେନ୍ଦ୍ର ନାଏକ, ବିବେକ ମିର୍ଦ୍ଧା ଏବଂ ୱାଇଲ୍ଡ ଲାଇଫ ୱାଡେନ ମାୟାଧର ସରାଫଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଛି । ଶନିବାର ସମସ୍ତ ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି ।



## ଅବହେଳିତ କେସିଙ୍ଗା ସହର

# ପ୍ରତିଶ୍ରୁତି ଦେଇ ଦେଇ ପୂରିଗଲା ଦୁଇ ବର୍ଷ

**କେସିଙ୍ଗା, ୮ ।୫ (ସମିସ):** କେସିଙ୍ଗା ଅଞ୍ଚଳର ବୁଦ୍ଧିଜିବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସଙ୍ଗଠନ ର ସଭାପତିଙ୍କ ଅନୁଯାୟୀ ବର୍ତ୍ତମାନ ଜିଲ୍ଲାର ପ୍ରମୁଖ ଅବହେଳିତ ସହର ତାଲିକାରେ କେସିଙ୍ଗା ଏକ ନମ୍ବର ବୋଲି ଚର୍ଚ୍ଚା ହେଉଛି । ସବୁକ୍ଷେତ୍ରରେ କେସିଙ୍ଗାକୁ ଅବହେଳା କରାଯାଉଛି ଫଳସ୍ୱରୁପ ଦିନକୁ ଦିନ ସହର ଆଗକୁ ବଢ଼ିବା ପରିବର୍ତ୍ତେ ପଛକୁ ପଛକୁ ଯିବାରେ ଲାଗିଛି । ନିର୍ବାଚନ ସରିଗଲା ପରେ ନିର୍ବାଚିତ ପ୍ରତିନିଧି ମାନେ କ୍ଷେତ୍ର ପରିଦର୍ଶନରେ ଆସୁ ନାହାନ୍ତି । କେସିଙ୍ଗା ନିର୍ବାଚନମଣ୍ଡଳୀ ହୋଇ ନ ଥିବାରୁ କୌଣସି ପଦସ୍ଥ ନେତା କିମ୍ବା ମନ୍ତ୍ରୀ ଅଞ୍ଚଳ ଲୋକଙ୍କ ସମସ୍ୟାକୁ ସମାଧାନ କରୁନାହାନ୍ତି କି ସରକାରୀ ଗସ୍ତ ମଧ୍ୟରେ ଅଞ୍ଚଳକୁ ଆସୁନାହାନ୍ତି । ନୂତନ ବିଜେପି ସରକାର ଗଠନର ଦୁଇ ବର୍ଷ ମଧ୍ୟରେ ପ୍ରଥମେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବର୍ଷିକ ଉତ୍ସବରେ ଯୋଗଦାନ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ କିଛି ମାସ ତଳେ କେସିଙ୍ଗା ସିଟିଜନ ଫୋରମ୍‌ର ବାର୍ଷିକ ଉତ୍ସବରେ ଯୋଗ ଦେବା ପାଇଁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଗୋଟିଏ ଖେଳ ପଡ଼ିଆ ଉଦ୍‌ଘାଟନ ପାଇଁ କିଛି ସମୟ ପାଇଁ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ କେସିଙ୍ଗା ଆସି ଯାଇଥିଲେ ମଧ୍ୟ ସହରର କୌଣସି ସମସ୍ୟାର ସମାଧାନ ହେଉ ନାହିଁ । କେସିଙ୍ଗାରେ ଥିବା ୪୦ବର୍ଷ ପୁରୁଣା କୋଣାର୍କ କପାମିଲକୁ ପୁନରୁଦ୍ଧାର ବଦଳରେ ବଲାଙ୍ଗିରରେ ନୂତନ କପା ୟୁନିଟ୍‌କୁ ମଞ୍ଜୁରୀ, କେସିଙ୍ଗା ରୁଟ୍‌ରେ ସିଧା ସଳଖ ଭୁବନେଶ୍ୱର ପାଇଁ ଟ୍ରେନ ବଦଳରେ ବନ୍ଦେ ଭାରତ ଓ ଅମୃତ ଭାରତର ଲଲିପପ୍ ଧରେଇ ରେଳ ବିଭାଗ ଚୁପ । କେସିଙ୍ଗାରେ ନିର୍ମାଣ ହେଉଥିବା ରେଳ ଓଭର ବ୍ରିଜ କୁ ଯୋଲକୋ ପର୍ଯ୍ୟନ୍ତ ସମ୍ପ୍ରସାରଣ ଚିଠିପତ୍ରରେ ସୀମିତ, କେସିଙ୍ଗା ମେଡିକାଲରେ ବିଶେଷଜ୍ଞ ଡାକ୍ତର ଦାବି ପ୍ରତିଶ୍ରୁତିରେ ରହି ଯାଇଛି । କିଛି ଦିନ ତଳେ କଳାହାଣ୍ଡିର ସାଂସଦ ଜୁନାଗଡ଼ରେ ଏକ ବାଇପାସ ରାସ୍ତା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଲେଖିଥିବା ଚିଠି ସୋସିଆଲ ମିଡିଆରେ ଘୁରି ବୁଲୁଥିଲା ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ ଏଥିରେ କେସିଙ୍ଗା ବାସୀଙ୍କ ବିରୋଧ ନାହିଁ ହେଲେ କେସିଙ୍ଗା ପାଇଁ ବାଇପାସ ରାସ୍ତା କଥା କେତେଦୂର ଗଲା ଅଞ୍ଚଳବାସୀ ଜାଣିବାକୁ ଚାହିଁଛନ୍ତି । କେସିଙ୍ଗାକୁ ଓ କେସିଙ୍ଗାବାସୀଙ୍କୁ ସାଂସଦ, ରାଜ୍ୟସଭା ସାଂସଦ ଓ ବିଧାୟକ ମଧ୍ୟ ପ୍ରତ୍ୟେକ ସମସ୍ୟାର ସମାଧାନ ହେବାର କେବଳ ପ୍ରତିଶ୍ରୁତି ଦେଉଥିବା ବେଳେ ଅବହେଳିତ କେସିଙ୍ଗା ସହରକୁ କେବଳ ପ୍ରତିଶ୍ରୁତିର ଭରସା ମିଳୁଛି ।

# ଦୁର୍ଘଟଣାରେ ଜିଏନ୍‌ଏମ୍ ଛାତ୍ରୀଙ୍କ ମୃତ୍ୟୁ

**ଭବାନୀପାଟଣା, ୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦରଥାନା ବାଦଲି ଛକ ନିକଟରେ ଗୁରୁବାର ରାତିରେ କାର୍ ଦୁର୍ଘଟଣାରେ ଜଣେ ଜିଏନ୍‌ଏମ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ଛାତ୍ରୀଙ୍କ ନାମ ଧରିତ୍ରୀ ସେନାପତି (୨୦) ଓ ସେ ଜୁନାଗଡ଼ ଥାନା ତଳମଲା ଗ୍ରାମର ବୋଲି ଜଣାପଡ଼ିଛି । ୩ ଜଣ ସାଙ୍ଗଙ୍କ ସହ କାର୍ ନଂଓଡି୦୮ -ଆର୨୭୫୪ ରେ ଯାଉଥିବାବେଳେ ବାଟରେ ଭାରସମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଥିଲେ । ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ଧରିତ୍ରୀକୁ ମୃତ ଘୋଷିତ କରିଥିଲେ । ଅନ୍ୟମାନେ ମଧ୍ୟ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ପିଇବା ପାଣି ପୋଷ୍ଟକୁ ଭାଙ୍ଗି ବିକିଦେଲେ




**ଭବାନୀପାଟଣା, ୮ ।୫ (ସମିସ):** ସ୍ଥାନୀୟ ଗାନ୍ଧିଛକ ପୁରୁଣା ଟାଉନ ଥାନାରେ ଗତ ୨୦୦୩ ମସିହାରୁ ମାରୱାଡି ଯୁବମଞ୍ଚ ପକ୍ଷରୁ ଏକ ଥଣ୍ଡା ପାନୀୟ ଜଳ ଷ୍ଟାଣ୍ଡ ସ୍ଥାପନ କରାଯାଇଥିଲା ଓ ଏହାକୁ ତତ କାଳୀନ ଏସ୍‌ପି ହରମୋହନ ଦାସ ଉଦ୍‌ଘାଟନ କରି ପୁଲିସ ଓ ମାରୱାଡି ଯୁବମଞ୍ଚ ସହ ଏକ ଚୁକ୍ତି ହୋଇ ସେବା ଜନସାଧାରଣ ଙ୍କ ପାଇ ଉର୍ଦ୍ଦିଷ୍ଟ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଉଠାଦୋକାନୀଙ୍କ ଠାରୁ ପଥିକମାନେ ୨୪ ଘଣ୍ଟା ଥଣ୍ଡା ପାଣି ପାଇ ପାରୁଥିଲେ । କିନ୍ତୁ ଟାଉନ ଥାନା ସ୍ଥାନାନ୍ତର ହେବା ପରେ ପାନୀୟ ଜଳ ପ୍ରକଳ୍ପକୁ ଜନୈକ ଠିକାଦାର ଲୋକନାଥ ମନିହର ଭାଙ୍ଗି ଦେଇ ପ୍ରକଳ୍ପର ଫ୍ରିଜ, କୁଲର, ଟାଙ୍କି ଆଦି ସାମଗ୍ରୀକୁ କବାଡିରେ ବିକ୍ରି କରିଦେଇଥିବା ଯୁବମଞ୍ଚ ଅଭିଯୋଗ କରିଛି । ଏନେଇ ମାରୱାଡି ଯୁବମଞ୍ଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଅମୃତଧାରା ପ୍ରକଳ୍ପରୁ ସୁବିଧା ପାଉଥିବା ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ମାରୱାଡି ଯୁବମଞ୍ଚର ସଭାପତି ମନିଷ ଶର୍ମା, ବରିଷ୍ଠ ସଦସ୍ୟ ଶୈଳେଶ କୁମାର ପ୍ରମୁଖ କଳାହାଣ୍ଡି ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ସମ୍ପୃକ୍ତ ଠିକାଦାର ପାନୀୟ ଜଳ ପ୍ରକଳ୍ପରୁ ବାହାର କରିଥିବା ସାମଗ୍ରୀ ତୁରନ୍ତ ଯୁବମଞ୍ଚକୁ ଫେରାଇ ଦେବାକୁ ଦାବି କରିଛନ୍ତି ।

# ମ.ରାମପୁରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ



**ମ.ରାମପୁର, ୮ ।୫ (ସମିସ):** ମ.ରାମପୁର ଥାନା ଠାରେ ଅଙ୍ଗନାବାଡି କର୍ମୀ, ୧୪ରୁ ୧୬ବର୍ଷ ମଧ୍ୟରେ ଥିବା ଶିଶୁମାନଙ୍କୁ ନେଇ ପୁଲିସ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରିଣୀ ସଂଯୁକ୍ତା ପ୍ରଧାନ, ଏସ୍‌ଆଇ କବିତା ବାଗ, ଏସ୍‌ଆଇ ଥବିର ବରିହା, କରଲାମୁଣ୍ଡା ଫାଣ୍ଡି ଏସ୍‌ଆଇ ଗୋପାଳ କୁମାର ପୋଢ଼ ଯୋଗ ଦେଇ ୧୪ରୁ ୧୬ବର୍ଷର ବାଳକ ବାଳିକାମାନେ ମୋବାଇଲ ବ୍ୟବହାର କରୁଥିବା ବେଳେ ସୋସିଆଲ ମିଡ଼ିଆ ହେଉ କି ଅନ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଲେ କିଭଳି ପୋଲିସର ସହାୟତା ନେବେ, ବିଭିନ୍ନ ଫ୍ରଡ଼କଲରୁ ଦୂରରେ ରହିବେ ତା ସହିତ ମୋବଇଲ ବ୍ୟବହାର କରିବା ସମୟରେ ଯଦି କୌଣସି ଅଜଣା ନମ୍ବରରୁ ବ୍ୟାଙ୍କ ଜମାଖାତା, ଓଟିପି, ପାସୱାର୍ଡ ସମ୍ବନ୍ଧୀୟ କଲ ଆସିଲେ ତୁରନ୍ତ ଘରର ମୁଖିଆ, ନହେଲେ ପୁଲିସକୁ ଜଣାଇବାକୁ କହିଥିଲେ । ଏକ ଭିଡିଓ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ କରଲାମୁଣ୍ଡା ବ୍ଲକର ରେଗେଡ଼ା ପଞ୍ଚାୟତର ଅଙ୍ଗନବାଡି କର୍ମୀ, ବାଳକ ବାଳିକା ଉପସ୍ଥିତ ଥିବା ବେଳେ ଥାନା ଏଏସଆଇ ଅଭିମନ୍ୟୁ ରାଓ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଧର୍ମଗଡ଼ ରେଡ୍‌କ୍ରସ୍ ଟାଉନ୍ ହଲ୍

# ଅଧାରେ ଅଟକିଛି ନିର୍ମାଣ କାମ

ଧର୍ମଗଡ଼, ୮ ।୫(ସମିସ)




ଧର୍ମଗଡ଼ ସହର ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଧର୍ମଗଡ଼ ରେଡ୍‌କ୍ରସ ଟାଉନ ହଲ ପୁନଃ କାର୍ଯ୍ୟକ୍ଷମ ହୋଇ ନ ପାରିବା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ୨୦୦୪ ମସିହାରେ ଧର୍ମଗଡ଼ର ତତ୍କାଳୀନ ଉପଜିଲ୍ଲାପାଳ ଭିକେ. ପାଣ୍ଡିଆନ ବିଭିନ୍ନ ସରକାରୀ ଅନୁଦାନରୁ ଟାଉନହଲର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୯ ମସିହାରେ ଉଦ୍‌ଘାଟନ କରିଥିଲେ । କିନ୍ତୁ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଟାଉନହଲ ଅବସ୍ଥା ଦୟନୀୟ ହୋଇ ପଡ଼ିଥିଲା । ବହୁ ହାରି ଗୁହାରି ପରେ ୨୦୨୪ ମସିହାରେ ଉକ୍ତ ରେଡକ୍ରସ ଟାଉନ ହଲର ନବୀକରଣ ପାଇଁ ଟେଣ୍ଡର ହୋଇଥଲା । ବିଜେଡ଼ି ସରକାର ଯାଇ ବିଜେପି ସରକାରର ପରିବର୍ତ୍ତନ ହେଲା ଅଥଚ ଏଯାଏଁ ରେଡ୍‌କ୍ରସ ଟାଉନ ହଲ ଏଯାଏଁ କାର୍ଯ୍ୟକ୍ଷମ ନ ହେବା ନେଇ ସର୍ବସାଧାରଣରେ ଭୃକୁଞ୍ଚନ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଉକ୍ତ ରେଡକ୍ରସ ଟାଉନହଲର ନବୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୨ କୋଟି ୭୭ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇ ଟେଣ୍ଡର ହୋଇଥିଲା । ଏହି ଟଙ୍କାରେ ଟାଉନ ହଲର ସିଭିଲ ୱାର୍କ, ଇଲେକ୍ଟ୍ରିଫିକେସନ, ବିଦ୍ୟୁତ୍ ଟ୍ରାନସଫର୍ମର, ପାନୀୟଜଳର ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରଣ କରାଯିବାର ବ୍ୟବସ୍ଥା ରହିଥିଲା । ହେଲେ ଉକ୍ତ ଟାଉନ ହଲରେ ସମ୍ପ୍ରତି ୧ କୋଟି ୪୧ ଲକ୍ଷ ଖର୍ଚ୍ଚ ହୋଇ ଯାଇଥିଲେ ହେଁ ଏଯାଏଁ ଗୋଟିଏ ଟଙ୍କା ମଧ୍ୟ ଆସି ନ ଥିବା ଟେଣ୍ଡର ନେଇଥିବା ଠିକାଦାରଙ୍କ ଠାରୁ ପ୍ରକାଶ । ନୂତନ ଭାବେ ବିଦ୍ୟୁତକରଣ ହୋଇ ଯାଇଛି ମାତ୍ର ଟିପିଡବ୍ଲୁଓଡିଏଲ୍‌ରେ ଅର୍ଥ ଜମା ହୋଇ ନ ଥିବାରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗି ପାରିନାହିଁ । ଏନେଇ ବିଭାଗୀୟ ସୁପରିଣ୍ଟେଣ୍ଟ ଇଞ୍ଜିନିୟର ପ୍ଲାନିଙ୍ଗ କୁ ଚିଠି ଲେଖି ଥିବା ବେଳେ ଗତ ଡିସେମ୍ବର ମାସରେ କଳାହାଣ୍ଡି ଜିଲ୍ଲାପାଳ ଅଧକ୍ଷ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କୁ ଅର୍ଥ ବରାଦ ପାଇଁ ଚିଠି ଲେଖି ଥିବା ଜଣାଯାଇଛି । ସହର ମଝିରେ ଥିବା ଉକ୍ତ ରେଡ୍‌କ୍ରସ ଟାଉନ ହଲ ପୁନଃ କାର୍ଯ୍ୟକ୍ଷମ ହେଲେ ସହରବାସୀ ବହୁ ଉପକୃତ ହେବେ । ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରସାଶନ ଉକ୍ତ ରେଡ୍‌କ୍ରସ ଟାଉନ ହଲର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।



# ଗଛକୁ ପିଟିଲା କାର୍; ୪ ଆହତ



**ବଣାଇଁ, ୮।୫(ସମିସ):** ବଣାଇଁ ଥାନା ବରଡାବାହାଲ ବୁଲାଣି ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୫ଟା ୩୦ ମିନିଟ୍ ସମୟରେ ଏକ କାର ଭାରସ୍ୟାମ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କାରରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ପ୍ରକାଶ ଥାଉକି, କେନ୍ଦୁଝର ଜସିପୁର ଅଞ୍ଚଳରୁ ନରେନ୍ଦ୍ର ( ବିଶିପାଲି) ଗାଁ କୁ ବାହାଘର କାର୍ଯ୍ୟକ୍ରମରେ ଆସି ଫେରୁଥିବା ବେଳେ ବରଡାବାହାଲ ବୁଲାଣି ନିକଟରେ ଚାଳକ ଭାରସ୍ୟାମ ହରାଇଥିଲେ। ଫଳରେ କାରଟି ସିଧାସଳଖ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ କାରର ଆଗ ଅଂଶ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ବଣାଇଁ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁତ୍ରା, ୮।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ଇନ୍ଦ୍ରା କଲୋନିର ମହେନ୍ଦ୍ର କେଛୁଆ (୪୫) ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଆଜି କୁତ୍ରା ପୁଲିସ୍ ଉଦ୍ଧାର କରିଛି। ସୂଚନାନୁଯାୟୀ, ଶୁକ୍ରବାର ସକାଳେ ଘର ଭିତରେ ଏକ ଗାମୁଛାରେ ମହେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଦେଖିଥିଲେ। ଖବର ପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଏବାବଦରେ ତଦନ୍ତ କରୁଥିବା ଜଣାପଡ଼ିଛି।

## ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବ କେବେ?

# ବୀରମିତ୍ରପୁର ତହସିଲ ଉପରେ ନିର୍ଭର କରି ଲୋକେ ହଟହଟା

**ରାଉରକେଲା, ୮।୫(ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ନଥିବାରୁ ନୂଆଗାଁ ବ୍ଲକବାସୀଙ୍କୁ ୫୦ କିଲୋମିଟର ଦୂର ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ହେବାକୁ ପଡୁଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ବୀରମିତ୍ରପୁର ତହସିଲର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଲାଞ୍ଚଖୋରନୀତି ଯୋଗୁଁ ଲୋକମାନେ ହଟହଟା ହେଉଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ଲୋକଙ୍କ ଜମିଜମା କାର୍ଯ୍ୟଠୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ଅବଶକୀୟ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ସମେତ ବିଭିନ୍ନ ପ୍ରକାର କାର୍ଯ୍ୟର ଆବଶ୍ୟକତାକୁ ହୃଦୟଙ୍ଗମ କରି ତତ୍କାଳୀନ ରାଜ୍ୟ ସରକାର ଗତ ୨୦୨୦ ମସିହାରେ ସବୁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ। ହେଲେ ଦୁର୍ଭାଗ୍ୟ ବିଷୟ ଇତି ମଧ୍ୟରେ ୬ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ସରକାରଙ୍କ ଏହି ଘୋଷଣା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଲୋକେ ୫୦ରୁ ୬୦ କିମି ଦୂର ବୀରମିତ୍ରପୁର ତହସିଲ ଉପରେ ନିର୍ଭର କରୁଛନ୍ତି। କୌଣସି କାମ ପାଇଁ ସେମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡି ହଟହଟା ହେଉଛନ୍ତି। ତହସିଲ କର୍ମଚାରୀଙ୍କ ମନ୍ଦ ଉଦ୍ଦେଶ୍ୟ ଜନିତ ଅସହଯୋଗ ଯୋଗୁଁ ଗୋଟିଏ କାମ ପାଇଁ ୫ ଥର ଦୌଡିବାକୁ ପଡୁଛି। ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ କିଛି ଦଲାଲଙ୍କ କବଳରେ ରହିଥିବାରୁ ଦଲାଲଙ୍କ ଜରିଆରେ ଲାଞ୍ଚ ଦେଇ କାମ କରିବାକୁ ବାଧ୍ୟ ହେଉଛନ୍ତି ଲୋକେ।






### ହାତଗୁଞ୍ଜା ବିନା ମିଳୁନି ଜମି ପଟ୍ଟା, ଜାତିଗତ ପ୍ରମାଣ ପତ୍ର

ସେପଟେ ଡିଜିଟାଲାଇଜେସନ ଯୋଗୁଁ ବର୍ତ୍ତମାନ ଏ ସବୁ କାମ ଜନସେବା କେନ୍ଦ୍ର ଦ୍ୱାରା କରାଯାଉଛି। ହେଲେ ସେଠାରେ ଉତ୍ତମ ସୁବିଧା ମିଳୁନି।

ନୂଆଗାଁ ବ୍ଲକର ୪ଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଓ ବୀରମିତ୍ରପୁର ଅଞ୍ଚଳର ୩ଟି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ନେଇ ବୀରମିତ୍ରପୁର ତହସିଲ ହୋଇଛି। ମୋଟ ୭ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବୀରମିତ୍ରପୁର ତହସିଲ ଉପରେ ନିର୍ଭରଶୀଳ। ନୂଆଗାଁ ବ୍ଲକର ବିଭିନ୍ନ ନଦୀଘାଟରୁ ଦୈନିକ ଶହ ଶହ ସଂଖ୍ୟାରେ ଟ୍ରକରେ ବୋଝେଇ ହୋଇ ବାଲି ଚୋରା ଚାଲାଣ ହେଉଛି। ଉକ୍ତ ଅଞ୍ଚଳ ତହସିଲ କାର୍ଯ୍ୟାଳୟଠାରୁ ଦୂରରେ ରହୁଥିବାରୁ ସେଠାରେ ଏହି ଚୋରା ଚାଲାଣକୁ ରୋକିବାକୁ କେହି ନାହାଁ। ଯାହା ଫଳରେ ରାଜ୍ୟ ସରକାରଙ୍କ ଏଥିପାଇଁ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି। କେବଳ ସେତିକି ନୁହେଁ ତହସିଲ କର୍ତ୍ତୃପକ୍ଷ ଖାମଖିଆଲି ନୀତି ଯୋଗୁଁ ଏବେ ବହୁ ସରକାରୀ ମୂଲ୍ୟବାନ ଜମିକୁ ସାଧାରଣ ଲୋକେ ଜବରଦଖଲ କରି ସାରିଛନ୍ତି। ଏପରିକି କିଛି ଜମି ମାଫିଆ ଜବରଦଖଲ କରି ସେହି ଜମିକୁ ପୁନର୍ବାର ପ୍ଲଟିଂ କରି ବିକ୍ରି କରିଛନ୍ତି। ଏଥିରେ ଖୋଦ ତହସିଲ କର୍ମଚାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟରେ ନିଯୁକ୍ତ ତହସିଲଦାର ଅଧିକାଂଶ ଦିନ ଅଫିସ ଆସୁ ନଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ନୂଆଗାଁ ଅଞ୍ଚଳକୁ ବୀରମିତ୍ରପୁର ଦୂରତା ଅଧିକ ଥିବା ବେଳେ ଅନ୍ୟପଟେ ତହସିଲଦାରଙ୍କ ଅନୁପସ୍ଥିତି ଉକ୍ତ ଅଞ୍ଚଳରେ ବେଆଇନ କାର୍ଯ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି। ସେପଟେ ଜଣେ କିରାଣୀଙ୍କର ପଦୋନ୍ନତି ହୋଇଥିଲେ ହେଁ ସେ ନଯାଇ ଏଠାରେ ୫ ବର୍ଷ ହେଲା ଗାଦି ମାଡି ବସିଛନ୍ତି। ଜଣେ କିରାଣୀ ପାନପୋଷ ତହସିଲକୁ ବଦଳି ହୋଇ ଯାଇ ପୁନର୍ବାର ଧରାଧରି କରି ବୀରମିତ୍ରପୁର ତହସିଲକୁ ଫେରି ଆସିଥିବା ଜଣାପଡ଼ିଛି। ଫଳରେ ଲାଞ୍ଚ କାରବାର ଖୁଲମଖୁଲା ଚାଲିଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗତ ୨୦୦୯-୧୦ ମସିହାରେ ବିଶ୍ରା ଓ ଲାଠିକଟା ବ୍ଲକରେ ନୂଆ ତହସିଲ କାର୍ଯ୍ୟାଳୟ ଖୋଲିଥିଲା। ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକରେ ୧୮ଟି ତହସିଲ କାର୍ଯ୍ୟାଳୟ ରହିଥିବା ବେଳେ କେବଳ କୁଆଁରମୁଣ୍ଡା ବ୍ଲକରେ ୨ଟି ତହସିଲ କାର୍ଯ୍ୟାଳୟ କୁଆଁରମୁଣ୍ଡା ଓ ବୀରମିତ୍ରପୁରରେ ରହିଛି। ହେଲେ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ନାହିଁ। ତେବେ ବହୁ ଦାବୀ ପରେ ୨୦୨୫ରେ ନୂଆଗାଁ ବ୍ଲକର ଗୋପପୁର ପଞ୍ଚାୟତରେ ନୂତନ ତହସିଲ କାର୍ଯ୍ୟାଳୟ ଖୋଲାଯିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ କରାଯାଇ ୩ ଲକ୍ଷ ଟଙ୍କା ବ୍ୟୟରେ



ତାର ବାଡ ନିର୍ମିତ ହୋଇଥିଲା। ଯାହା ଫଳରେ ବ୍ଲକବାସୀଙ୍କ ଆଶା ସଞ୍ଚାର ହୋଇଥିଲା। ହେଲେ ସେହି ଆଶା ଆଶାରେ ରହିଯାଇଛି। ବିଶ୍ରା ଓ ଲାଠିକଟାରେ ନୂଆ ତହସିଲ କାର୍ଯ୍ୟାଳୟ ଖୋଲିବା ଇତି ମଧ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଥିଲେ ହେଁ ନୂଆଗାଁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବ୍ଲକର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ଦିଗ ପ୍ରତି ବିଭାଗୀୟ ପଦାଧିକାରୀ ଦୃଷ୍ଟି ଦେବା ସହ ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଇଛି।

# କାଳବୈଶାଖୀ: କେନ୍ଦ୍ରିକଳାରେ ଭାଙ୍ଗିଲା ନିମ୍ବ ଗଛ



**ବଣାଇଁ, ୮।୫ (ସମିସ):** ବଣାଇଁ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ହଠାତ୍ କାଳବୈଶାଖୀ ବର୍ଷା ସହ ଜୋରଦାର ପବନ ବୋହିଥିଲା। ଏହି ଝଡ଼ ବର୍ଷାର ପ୍ରଭାବରେ କେନ୍ଦ୍ରିକଳା ଛକ ନିକଟରେ ଥିବା ଏକ ବିରାଟକାୟ ନିମ୍ବ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡ଼ିଯାଇଥିଲା। ଫଳରେ ସେଠାରେ କିଛି ସମୟ ପାଇଁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଯାତାୟାତରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଥିଲା। ଘଟଣା ପରେ ସ୍ଥାନୀୟ ଗ୍ରାମବାସୀମାନେ ତୁରନ୍ତ ଅଗ୍ନିଶମ ବିଭାଗ ଏବଂ ବିଦ୍ୟୁତ ବିଭାଗକୁ ସୂଚନା ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଗଛକୁ କାଟି ରାସ୍ତା ସଫା କରିଥିଲେ। ଗଛ ହଟାଇବା ପରେ ବିଦ୍ୟୁତ ସଂଯୋଗକୁ ପୁନଃ ସ୍ୱାଭାବିକ କରାଯାଇଥିଲା।

# ବିଶ୍ୱ ରେଡ୍‌କ୍ରସ୍ ଦିବସ

**ରାଉରକେଲା, ୮।୫ (ସମିସ):** ଭାରତୀୟ ରେଡକ୍ରସ୍ ସୋସାଇଟି ରାଉରକେଲା ସିଟି ଶାଖା ପକ୍ଷରୁ ଆଜି ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଉଦିତନଗର ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନସଂସ୍ଥାର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଦୀନା ଦସ୍ତଗୀର ମୁଖ୍ୟଅତିଥି ଭାବରେ ଯୋଗଦେଇ ନୋବେଲ ଶାନ୍ତି ପୁରସ୍କାରର ପ୍ରଥମ ବିଜେତା ହେନରୀ ଡୁରାଣ୍ଟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଦିନରେ ସମସ୍ତେ ମାନବ ସେବା ପାଇଁ ସଦା ପ୍ରସ୍ତୁତ ରହିବାର ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଗତ ବର୍ଷ ଜୁଲାଇ ମାସରୁ ଅଦ୍ୟାବଧି ରାଉରକେଲା ଅତିରିକ୍ତ ଜିଲ୍ଲପାଳ କାର୍ଯ୍ୟାଳୟର ରେଡକ୍ରସ ପାଣ୍ଠିରୁ ୨୨ ଜଣଙ୍କୁ ୨ ଲକ୍ଷ ୬୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ସର୍ବାଧିକ କର୍କଟ ରୋଗୀ ଅଛନ୍ତି। ଏହା ବ୍ୟତୀତ ଟ୍ରାଫିକ ଗେଟରେ ହୋଇଥିବା ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ୬ ଜଣ ଦୋକାନୀ, ସ୍ୱଚ୍ଛ ସାଥୀ ତଥା ନିକଟରେ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ସକାଳେ ରାଉରକେଲା




ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏହି ଶୋଭାଯାତ୍ରାରେ ସିଭିଲ ଡିଫେନ୍ସ ଭୋଲେନଟିଅର ସାମିଲ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରାଇଥିଲେ। ଏହି ସଚେତନତା ରାଲି ରାଉରକେଲା ମହାନଗରନିଗମ କାର୍ଯ୍ୟାଳୟରୁ ଆରମ୍ଭ କରି ଆମ୍ବେଦକର ଛକ ଦେଇ ଆଇଟିଡିଏ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ପାନପୋଷ ପିଏ ଆଇଟିଡିଏ ବିକ୍ରଣୀ କିସପୋଟ୍ଟା, ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉନ୍ନତ ଟ୍ରାଫିକ ପରିଚାଳନା

# ପୁନଃ ଖୋଲିଲା ଆର୍‌ଏସ୍‌ପି ପୁରାତନ ତାରାପୁର ଫାଟକ



**ରାଉରକେଲା, ୮।୫(ସମିସ):** ଟ୍ରାଫିକ୍ ପରିଚାଳନାରେ ଉନ୍ନତି ଆଣିବା ଏବଂ କାରଖାନା ଭିତରେ ଯୋଗାଣ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପୁରାତନ ତାରାପୁର ଫାଟକକୁ ମଇ ୭ ତାରିଖରେ ପୁନଃ ଖୋଲାଯାଇଛି। ଏହି ଫାଟକକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାରଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ପୁନଃ ଖୋଲାଯାଇଥିଲା। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍-ଚାର୍ଜ ଅତିଶ ଚନ୍ଦ୍ର ସରକାର, ପିପି ଆଣ୍ଡ ସି ବିଭାଗର ସିଜିଏମ୍ ସୁନୀତା ସିଂହ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ବିଜୟ କୁମାର ଏବଂ ଡେପୁଟି କମାଣ୍ଡାଣ୍ଟ ଏମ୍‌କେ ପାଠକଙ୍କ ସହ ଆରଏସପି ଏବଂ ସିଆଇଏସଏଫର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୂତନ ତାରାପୁର ଗେଟ୍‌ରେ ୨୪ ଘଣ୍ଟା ଧରି ଭାରୀ ଯାନବାହାନର ଯାତାୟାତ ହୋଇ ଆସୁଥିଲା। ଫଳରେ ସେଥିରୁ ଭିଡ଼ ହ୍ରାସ କରିବା ନିମନ୍ତେ ପୁରାତନ ଫାଟକ ପୁନଃଖୋଲାଯାଇଛି। ସଂଶୋଧିତ ଟ୍ରାଫିକ ବ୍ୟବସ୍ଥା ଅନୁଯାୟୀ, ଯାନବାହାନଗୁଡ଼ିକ ଏବେ ପୁରୁଣା ତାରାପୁର ଫାଟକ ଦେଇ ପ୍ରବେଶ କରିବେ ଏବଂ ନୂତନ ତାରାପୁର ଫାଟକ ଦେଇ ପ୍ରସ୍ଥାନ କରିବେ। ତେବେ ପୁରାତନ ତାରାପୁର ଫାଟକକୁ ଯାନବାହାନ ଟ୍ରାକିଂ ସିଷ୍ଟମ (ଭିଟିଏସ) ସୁବିଧା ସହ ଉନ୍ନତ କରାଯାଇଛି ଯାହା କାରଖାନା ପରିସରକୁ ପ୍ରବେଶ କରୁଥିବା ଯାନବାହାନଗୁଡ଼ିକର ପ୍ରଭାବଶାଳୀ ନିରୀକ୍ଷଣ ଏବଂ ରୁଟ୍ ଟ୍ରାକିଂ କରିପାରିବ। ଏହି ପଦକ୍ଷେପ ସୁରକ୍ଷା ବୃଦ୍ଧିକୁ ସୁଦୃଢ଼ କରିବ ସହ ଯାନବାହାନ ଚଳାଚଳର ନିରୀକ୍ଷଣରେ ଉନ୍ନତ ଏବଂ କାରଖାନା ମଧ୍ୟରେ ଉତ୍ତମ ଯୋଗାଣ ପରିଚାଳନାକୁ ସହଜ କରିବ ବୋଲି ଆଶା କରାଯାଉଛି।

# ଆରଏସପି ପକ୍ଷରୁ ଶିଳ୍ପ-ଶିକ୍ଷାଗତ ସହଯୋଗ ତାଲିମ କାର୍ଯ୍ୟକ୍ରମ

**ରାଉରକେଲା, ୮।୫ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଆଇଟିଆଇ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ଶିକ୍ଷାଗତ ସହଯୋଗ ତାଲିମ କାର୍ଯ୍ୟକ୍ରମ' ଶୁକ୍ରବାର ଶୁଭାରମ୍ଭ ହୋଇଛି। ଆରଏସପି ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ୍ ପିକେ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଜିଏମ୍ ହୃଦାନନ୍ଦ ପତି ଏବଂ ଏଜିଏମ ଦୁର୍ଯ୍ୟୋଧନ ସାହୁ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ତାଲିମ କାର୍ଯ୍ୟକ୍ରମର ଉଦଘାଟନୀ ବ୍ୟାଚରେ ରାଉରକେଲାର ବିଭିନ୍ନ ପ୍ରତିଷ୍ଠାନରୁ ପ୍ରାୟ ୧୭୦ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ କାରଖାନାର ଏକ ସାରାଂଶ ଏବଂ ଅଂଶଗ୍ରହଣକାରୀ



ଛାତ୍ରମାନଙ୍କ ପାଇଁ ବିସ୍ତୃତ ସୁରକ୍ଷା ନିର୍ଦ୍ଦେଶାବଳୀ ଅନ୍ତର୍ଭୁକ୍ତ ଥିଲା। ଏହାର ଉଦ୍‌ଘାଟନୀ ଅଧିବେଶନର ଏଚଆର ଏଲଏଣ୍ଡଡି ବିଭାଗର ଆଡମିନିଷ୍ଟ୍ରେଟିଭ ଆସୋସିଏଟ ସତ୍ୟବତୀ ବେହେରା ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଅଂଶ ପ୍ରଶିକ୍ଷାର୍ଥୀମାନେ ଏଲଏଣ୍ଡଡି ବିଭାଗର ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଇଲେକ୍ଟ୍ରୋନିକ୍ସ ଲ୍ୟାବ୍, ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ, ଇଲେକ୍ଟ୍ରିକାଲ୍ ସପ, ଫିଟିଂ ସପ, ମେସିନ୍ ସପ ଏବଂ ୱେଲ୍ଡିଂ ସପ ସମେତ ବିଭିନ୍ନ ବୈଷୟିକ କ୍ଷେତ୍ରରେ କର୍ମଶାଳା ତାଲିମ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। କର୍ମଶାଳା ଅଧିବେଶନ ପରେ ଛାତ୍ରଛାତ୍ରୀମାନେ କାରଖାନାର ପ୍ରମୁଖ କାର୍ଯ୍ୟକ୍ଷମ ବିଭାଗଗୁଡ଼ିକ ମଧ୍ୟରେ ସପ୍ ଫ୍ଲୋର୍ ଏକ୍ସପୋଜର୍ ଏବଂ ବ୍ୟବହାରିକ ଶିକ୍ଷା ପାଇବେ, ଯେପରିକି ଆରଏସ (ଏମ), ମେକାନିକାଲ୍ ସପ, ଏସଏଣ୍ଡଏଫ ସପ, ଟି ଏଣ୍ଡ ଆର ଏମ, ଆର ସି ଏମ, ଆର ଏସ (ଇ), ଏଚଏମ(ଇ), ଆଇ ଏଣ୍ଡ ଏସ ଏବଂ ଏସି ବିଭାଗରେ ତାଲିମ ନେବେ। ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ, ତାଲିମ ଇଞ୍ଜିନିୟର ଏବଂ ସଂଯୋଜକମାନେ କାର୍ଯ୍ୟକ୍ରମ ସମୟରେ ତାଲିମାର୍ଥୀମାନଙ୍କୁ ତଦାରଖ ଏବଂ ପରାମର୍ଶ ଦେବେ। ଏହି ପଦକ୍ଷେପ କୌଶଳ ବିକାଶ, ଶିଳ୍ପ-ଶିକ୍ଷାକ୍ଷେତ୍ର ସହଯୋଗ ଏବଂ ସଂରଚିତ ଶିଳ୍ପ ତାଲିମ ଏବଂ ଅଭିଜ୍ଞତାମୂଳକ ଶିକ୍ଷା ସୁଯୋଗ ମାଧ୍ୟମରେ ଭବିଷ୍ୟତର ବୈଷୟିକ ମାନବଶକ୍ତିକୁ ପୋଷଣ କରିବା ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ଦୋହରାଇଛି।

## ପରିବହନ ନିୟମ ଉଲ୍ଲଂଘନ

# ବିନା ନମ୍ବର ପ୍ଲେଟ୍ ଓ ବିସ୍ଫୋରକ ଲାଇସେନ୍ସରେ ଗଡୁଛି ଡିଜେଲ୍ ଟ୍ୟାଙ୍କର୍

**ରାଉରକେଲା, ୮।୫(ସମିସ)**

ରାଉରକେଲା ପରି ଏକ ସମ୍ବେଦନଶୀଳ ଶିଳ୍ପ ସମୃଦ୍ଧ ଏବଂ ବ୍ୟସ୍ତବହୁଳ ସହର ରାସ୍ତାରେ ସୁରକ୍ଷା ନିୟମକୁ ଅବମାନନା କରିବାର ଏକ ଗୁରୁତର ଘଟଣା ସାମ୍ନାକୁ ଆସିଛି। ଡିଜେଲ ଭଳି ଜ୍ୱଳନଶୀଳ ଏବଂ ବିସ୍ଫୋରକ ପଦାର୍ଥ ପରିବହନ କରୁଥିବା ଏକ ମିନି ଟ୍ୟାଙ୍କର୍ ବିନା ନମ୍ବର ପ୍ଲେଟ୍ ଏବଂ ଆବଶ୍ୟକ ବିସ୍ଫୋରକ ଲାଇସେନ୍ସରେ ଚଳାଚଳ କରୁଥିବା କ୍ୟାମେରାରେ କଏଦ ହୋଇଛି। ଆରଏମସି ସମ୍ମୁଖ ରିଙ୍ଗ ରୋଡରେ ନିୟମ ଉଲ୍ଲଂଘନ କରି ଏଭଳି ମିନି ଟ୍ୟାଙ୍କର୍ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଗାଡ଼ିଟି



ଏକ କମ୍ପାନୀ ପାଇଁ କାମ କରୁଥିବା ବେଳେ ପଛ ନମ୍ବର ପ୍ଲେଟ୍ ସ୍ପଷ୍ଟ ଭାବରେ ଲାଗି ନଥିଲା। ଏପରିକି ଏହା ବିସ୍ଫୋରକ ପଦାର୍ଥ ପରିବହନ ପାଇଁ ଆବଶ୍ୟକ ସୁରକ୍ଷା ମାନଦଣ୍ଡ ପାଳନ କରୁଥିବା ପରି ମନେ ହେଉନଥିଲା। ଆରଏସପି ଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ଶିଳ୍ପ ଅଞ୍ଚଳରେ ଏପରି ଗାଡ଼ିର ପ୍ରବେଶ ଏବଂ ସହର ରାସ୍ତାରେ ଏହାର ଅବାଧ ଗତିବିଧି ସୁରକ୍ଷା ପ୍ରତି ଗମ୍ଭୀର ପ୍ରଶ୍ନ ଉଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯେତେବେଳେ ଡ୍ରାଇଭରଙ୍କୁ ପଚରାଯାଇଥିଲା, ସେ ତାଙ୍କର ଭୁଲ ସ୍ୱୀକାର କରିଥିଲେ। ଡ୍ରାଇଭର ଜଣକ ଏହା ମଧ୍ୟ କହିଥିଲେ ଯେ ଏହା ଏପରି କାମ କରେ। ଏହି ଉତ୍ତର ସୁରକ୍ଷା ନିୟମ ପ୍ରତି ଅବହେଳା ଏବଂ ବ୍ୟବସ୍ଥାରେ ପ୍ରଚଳିତ ଶିଥିଳତାକୁ ସ୍ପଷ୍ଟ କରୁଥିବା ସାଧାରଣରେ ଆଲୋଚନା ହେଉଛି। ବିଶେଷଜ୍ଞଙ୍କ ମତରେ, ଡିଜେଲ ଭଳି ସମ୍ବେଦନଶୀଳ ପଦାର୍ଥ ପରିବହନ ଅତ୍ୟନ୍ତ ସତର୍କତାର ସହିତ ଓ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ କରାଯିବା ଉଚିତ। କିନ୍ତୁ ଉପଯୁକ୍ତ ଲାଇସେନ୍ସ, ସୁରକ୍ଷା ଚିହ୍ନ ଏବଂ ଯାନବାହାନ ଚିହ୍ନଟ ବିନା ଏପରି ଟ୍ୟାଙ୍କର ପରିଚାଳନା ଏକ ବଡ଼ ଦୁର୍ଘଟଣାର କାରଣ ହୋଇପାରେ ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି।

# ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ




**ବଣାଇଁ, ୮।୫(ସମିସ):** ବଣାଇଁ ବ୍ଲକ କେନ୍ଦ୍ରିକଳା କ୍ଲଷ୍ଟର ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟଠାରେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ଅନୁଯାୟୀ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଗନ ବିହାରୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭକ୍ତ ବନ୍ଧୁ ଦେଓ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟ ଶଙ୍କର ଦେଓ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ରାଜୀବ ଲୋଚନ ପାତ୍ର, ମଳୟ ରଞ୍ଜନ ସାହୁ, ରୀତା ରଣା, କୁନି ପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ଗ୍ରୀଷ୍ମ ଛୁଟିରେ ଶିକ୍ଷାର୍ଥୀମାନଙ୍କୁ ଅବକାଶକାଳୀନ ଗୃହକାର୍ଯ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଶିକ୍ଷକ ସୁରେନ ବାଡା, ରଶ୍ମିତା ସେନାପତି, ଅଶ୍ୱିନୀ ଟେଟେ, ରୋହିତ କୁମାର ବେହେରା, ବୃନ୍ଦାବନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

ସକାଳ THE SAKALA



# ଲୋକଙ୍କୁ ସାହାଯ୍ୟ କରିବାକୁ ରେଡକ୍ରସ ଉତ୍ସର୍ଗ





ବଲାଙ୍ଗିର, ୮ ।୫(ସମିସ)

ବଲାଙ୍ଗିର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ଲୋକଙ୍କୁ ସାହାଯ୍ୟ କରିବାକୁ ରେଡ଼କ୍ରସ ଉତ୍ସର୍ଗ ବୋଲି ଏଥିରେ ମତ ପ୍ରକାଶ ପାଇଛି। ସମସ୍ତ ଅତିଥି ଜନ ହେନେରୀ ଡୁନାଣ୍ଟଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କଲାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷର ପ୍ରସଙ୍ଗ "ମାନବିକତାରେ ଏକତା, ସଙ୍କଟ ସମୟରେ ଏକାଠି ଛିଡା ହେବା'କୁ ଆଧାର କରି ମାନବ ସେବା, ସହଯୋଗ ଓ ଭ୍ରାତୃତ୍ୱର ସନ୍ଦେଶ ପ୍ରଚାର କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ରେଡକ୍ରସର ମାନବିକ କାର୍ଯ୍ୟକଳାପ ଓ ସମାଜସେବାରେ ଏହାର ଅବଦାନ ସମ୍ପର୍କରେ କହିଥିଲେ। ରେଡକ୍ରସର ଆଦର୍ଶକୁ ଅନୁସରଣ କରି ସମାଜସେବାରେ ନିଜକୁ ସମର୍ପିତ କରିବାକୁ ସମସ୍ତ ପରାମର୍ଶଦାତାଙ୍କୁ ପ୍ରେରିତ କରିଥିଲେ। ଲୋକଙ୍କୁ ସାହାଯ୍ୟ କରିବା ପାଇଁ ରେଡ଼କ୍ରସ ଆନ୍ଦୋଳନ ଉତ୍ସର୍ଗୀକୃତ। ସମାଜ ପ୍ରତି ରେଡ଼କ୍ରସର ଅବଦାନକୁ ସ୍ମରଣ ଲାଗି ପ୍ରତିବର୍ଷ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ନିଜ ବକ୍ତବ୍ୟରେ ବିଶ୍ୱ ରେଡକ୍ରସ ଦିବସ କେବଳ ଏକ ଆନୁଷ୍ଠାନିକ ପାଳନ ନୁହେଁ; ବରଂ ମାନବତା, ସେବା ଓ ସହଯୋଗର ମହାନ ବାର୍ତ୍ତାକୁ ସମାଜରେ ପ୍ରଚାର କରିବାର ଏକ ସୁଯୋଗ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କ ମନରେ ସେବାଭାବ, ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧ ଜାଗୃତ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ପ୍ରଦୀପ ପାତ୍ର ନିଜ ବକ୍ତବ୍ୟରେ ବିପଦ ସମୟରେ ଆଗକୁ ଆସି ସହଯୋଗ କରିବା, ରକ୍ତଦାନ ପ୍ରତି ସଚେତନତା ବୃଦ୍ଧି କରିବା ଓ ମାନବ କଲ୍ୟାଣରେ ନିଜକୁ ସମର୍ପିତ କରିବା ହିଁ ରେଡ଼କ୍ରସର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠୀ ମଞ୍ଚାସୀନ ଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ବିକାଶ ରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧନ କର୍ମୀ ଜୟକୃଷ୍ଣ ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ରାଜ୍ୟ ସାଧନ କର୍ମୀ ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର, ଦ୍ୱିତୀ ରଞ୍ଜନ ମହାଲିଙ୍ଗ, ଜିଲ୍ଲାର ସମସ୍ତ ବ୍ଲକ ସଂଯୋଜକ, ପରାମର୍ଶଦାତା, ସାଧନକର୍ମୀ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ଅନ୍ୟପକ୍ଷେ ବଲାଙ୍ଗିର ମାଳପଡାସ୍ଥିତ ମଣ୍ଟେସୋରୀ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ରେଡ୍ କ୍ରସ ଦିବସ ପାଳିତ ହୋଇଛି। ସ୍କୁଲର ଚେୟାରମ୍ୟାନ ବୀରେନ୍ଦ୍ର ଉଦ୍‌ଗାତାଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିବା ସଭାରେ ପ୍ରିନ୍‌ସିପାଲ ରବିଚନ୍ଦ୍ର ଉଦ୍‌ଗାତା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ନର୍ସରୀ ସେକ୍ସନ ପ୍ରିନ୍ସିପାଲ ଅଭିଶ୍ମିତା ଦାସ ପରି.ଳନା କରିଥିଲେ। ସ୍କୁଲର ଏକାଡେମିକ ହେଡ୍ ରେଡକ୍ରସ ପରାମର୍ଶଦାତା ଡ. ରବିଚନ୍ଦ୍ର ପଶାୟତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଆକୁଳ ବେହେରା ଯୋଗ ଦେଇ ନିଜସ୍ୱ ମତବ୍ୟକ୍ତ କରିଥିଲେ। ଛାତ୍ର ସାରାଂସ ମେହେତା ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେ.ଭି.ମହାବିଦ୍ୟାଳୟରେ ମଧ୍ୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ମନୋଜ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଯୁବ ରେଡକ୍ରସ ସଂଯୋଜକ ରୋହିତ କିଶୋର କୁମ୍ଭାର ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସକ ଅଧିକାରୀ ଯଶୋବନ୍ତ ନାରାୟଣ ମିଶ୍ର, ଅଧ୍ୟାପକ କରୁଣାକର ନାୟକ, କୃଷ୍ଣ ମେହେର, ଉମେଶ ପୁଟେଲ, ଅନିଲ ଦୀପ, ଅଧ୍ୟାପିକା ଦିଶା ଅଗ୍ରୱାଲ ଓ ଅନ୍ନପୂର୍ଣ୍ଣା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ କରୁଣାକର ନାୟକ ରେଡକ୍ରସ ଓ ମାନବସେବାର ମହତ୍ତ୍ୱ ବିଷୟରେ କହିଥିଲେ। ଅଧ୍ୟାପିକା ଦିଶା ଅଗ୍ରୱାଲ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟ ଓ ସମାଜସେବା ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ। ଶେଷରେ ଅଧ୍ୟାପିକା ଅନ୍ନପୂର୍ଣ୍ଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସୌମ୍ୟ ରଞ୍ଜନ ମହାକୁଡ଼, ପ୍ରଶାନ୍ତ କୁଅଁର, ଗୀତିକା ତାଣ୍ଡି, ଜ୍ୟୋତି ତାଣ୍ଡି, ବିକ୍ରମ ବାଗଙ୍କ ସହ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ଏମ୍‌ଆର୍‌ପି ନୀତି ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗିର,୮ ।୫ (ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ କେନ୍ଦ୍ରୀୟ କାର୍ଯ୍ୟାଳୟ (ନୂଆଦିଲ୍ଲୀ)ର ଆହ୍ୱାନ କ୍ରମେ ସମଗ୍ର ଦେଶରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ସମସ୍ତ ଜିଲ୍ଲାରେ ଦାବି ପତ୍ର ଦେବା ସ୍ଥିର ହୋଇଛି। ଏହିକ୍ରମରେ ଶୁକ୍ରବାର ବଲାଙ୍ଗିର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପ୍ରଦାନ କରଯାଇଥିଲା। ଦୈନନ୍ଦିନ ଜୀବନରେ ଲୋକେ ବ୍ୟବହାର କରୁଥିବା ଦ୍ରବ୍ୟଗୁଡିକର ଦାମ୍ (ଏମ୍‌ଆର୍‌ପି) ସୂଚୀରେ ଲିଖିତ ରହୁଥିବା ସର୍ବାଧିକ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ପାଇଁ କୋଣସି ନିୟମ ନାହିଁ।




ଏଥିଯୋଗୁଁ ପ୍ରକୃତ ଦର ଠାରୁ ଗ୍ରାହକ ଢେର ଅଧିକ ଦେଉଥିବା ଅଭିଯୋଗ ହୋଇଛି। ଏହି ଠକେଇ ବିରୋଧରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ଏନେଇ କେନ୍ଦ୍ର ସରକାର ବ୍ୟାପାର ଓ ବାଣିଜ୍ୟ ବିଭାଗ ଖାଉଟି ହିତ ଦୃଷ୍ଟିରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ଗ୍ରାହକ ପଞ୍ଚାୟତ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ଏବଂ ଓଡିଶା ପଶ୍ଚିମ ପ୍ରାନ୍ତ ସଭାପତି କିଶୋର ମୋହନ ମିଶ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବାଇକ୍ ଚୋରି ମାମଲାରେ ୩ ଗିରଫ



ବଲାଙ୍ଗିର,୮ ।୫ (ସମିସ): ବଲାଙ୍ଗିର ସହରରେ ବାଇକ୍ ଚୋରି ବଢୁଛି। ଜଣେ ଅଭିଯୋଗକାରୀଙ୍କ ବାଇକ୍ ଚୋରି ମାମଲାର ତଦନ୍ତ କରି ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚୋରି ହୋଇଥିବା ବାଇକ୍‌କୁ ଜବତ କରିଛି। ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଜଗନ୍ନାଥପଡ଼ାସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଚତୁର୍ଭୁଜ ରାଉତଙ୍କ ଏକ ହିରୋ ହୋଣ୍ଡା ବାଇକ (ଓଆର ୦୩ ଡ଼ି ୭୫୫୧) ଚୋରି ହୋଇଥିଲା।

ଏ ନେଇ ଚତୁର୍ଭୁଜ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସଇଁତଲା ଥାନା କୁମ୍ଭାରୀ ଗ୍ରାମର ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଜିତେନ୍ଦ୍ର ସାହାଣୀ ଓରଫ୍ ଜିତେନ୍ (୨୩), ଅଜୟଦେବ ଦାସ ଓରଫ୍ ମୂଷିକା ଓରଫ୍ ଅଜିତ (୨୧) ଓ ସତ୍ୟ ଦାସ (୨୧)। ପୁଲିସ ନୂଆ ବସଷ୍ଟାଣ୍ଡ ପଛପଟେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ବ୍ରିଜ୍ ନିକଟରୁ ଚୋରି ହୋଇଥିବା ବାଇକ୍‌ଟିକୁ ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଅଭିଯୁକ୍ତମାନେ ବଲାଙ୍ଗିର ଟାଉନ ଥାନାର ଅନ୍ୟ କେତେକ ଚୋରି ମାମଲାରେ ମଧ୍ୟ ସମ୍ପୃକ୍ତ ଅଛନ୍ତି। ଅନ୍ୟ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ସେମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ ପ୍ରକ୍ରିୟା ଜାରି ରଖିଛି।

**ବଲାଙ୍ଗିର ସହରରେ ଟ୍ରାଫିକ ସମସ୍ୟା**

# ଦୋକାନ ଭିତରେ ଯେତିକି ବାହାରେ ସେତିକି

ବଲାଙ୍ଗିର,୮ ।୫(ସମିସ): କଥାରେ ଅଛି 'ମୋତେ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡା କାଠ'। ବଲାଙ୍ଗିର ସହରରେ ଏହି ଉକ୍ତିଟି ସତ ପ୍ରମାଣ କରିବା ଭଳି ଦୃଶ୍ୟ ସାମ୍ନାକୁ ଆସିଛି। ସହରରେ ଯେତେ ଚେଷ୍ଟା କଲେ ବି ଟ୍ରାଫିକ ସମସ୍ୟାର ସମାଧାନ ହେଉନି। ଏହାର ପ୍ରମୁଖ କାରଣ ସାଜିଛନ୍ତି ସ୍ଥାନୀୟ ବ୍ୟବସାୟୀ। ଦୋକାନ ଷ୍ଟଲ ବାହାରେ ଥିବା ପାର୍କିଂ ଜାଗାକୁ ବି ନିଜ ସମ୍ପତ୍ତି ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଦୋକାନ ଭିତରେ ଯେତେ ସାମଗ୍ରୀ ରହିଛି ତାଠୁ ଅଧିକ ସାମଗ୍ରୀ ରାସ୍ତା ଉପରେ ରଖୁଛନ୍ତି। ଏହା ଫଳରେ ଦୋକାନକୁ ଆସୁଥିବା ଲୋକେ ସେମାନଙ୍କ ଗାଡ଼ିକୁ ରାସ୍ତା ଉପରେ ରଖୁଛନ୍ତି। ଏହାଫଳରେ ସ୍ୱାଭାବିକ ଭାବେ ରାସ୍ତା ସବୁବେଳେ ଜାମ୍ ରହୁଛି। ବ୍ୟବସାୟୀଙ୍କୁ ପୁଲିସ ମଧ୍ୟ କିଛି କହୁନି।

ବଲାଙ୍ଗିର ସହର ଯେତିକି ବ୍ୟବସ୍ଥିତ ତାଠୁ ଅଧିକ ସମସ୍ୟା ଜର୍ଜରିତ। ସହର ଭିତରେ ସମସ୍ୟା ଅନେକ; କିନ୍ତୁ ସମାଧାନ ଯେତେ ଚେଷ୍ଟା କଲେ ବି ହେଉନି। ଏହି ସମସ୍ୟା ପାହାଡ ଭିତରେ ଏକ ବଡ ସମସ୍ୟା ହେଉଛି ଟ୍ରାଫିକ ସମସ୍ୟା। ବଲାଙ୍ଗିର ସହରର ପ୍ରମୁଖ ଜନଗହଳି ଅଞ୍ଚଳ ଭିତରୁ ଏକ ପ୍ରମୁଖ ଅଞ୍ଚଳ ହେଉଛି ଦୈନିକ ବଜାର, ପୁରୁଣା ସରକାରୀ ବସଷ୍ଟାଣ୍ଡ ନିକଟସ୍ଥ ମାର୍କେଟ, ଗୋପାଳଜୀ ମନ୍ଦିର ରୋଡ୍। ବର୍ତ୍ତମାନ ସମୟରେ ଏହି ଅଞ୍ଚଳରେ ବିଶେଷ କରି ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। କିଛି ବର୍ଷ ପୂର୍ବରୁ କଚେରୀ ଛକଠାରୁ ପାଟଣା ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଅନାବଶ୍ୟକ ଭାବେ ଡିଭାଇଡର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଆବଶ୍ୟକ ମୁତାବକ ପ୍ରଶସ୍ତ ରାସ୍ତା ନ ଥିବା ସତ୍ତ୍ୱେ ଡିଭାଇଡର ନିର୍ମାଣ କରାଯାଇଥିଲା; ଯାହାକି ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଥିବା ଅଭିଯୋଗ ହୋଇଛି। ଏହା ଦ୍ୱାରା ରାସ୍ତା ଦୁଇ ଭାଗ ହୋଇଥିବା ବେଳେ ରାସ୍ତାର ଓସାର କମିଯାଇଥିଲା। ଉଭୟ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ନ କରି ବିନା ଯୋଜନା ପ୍ରସ୍ତୁତ କରି ନିର୍ମାଣ ହୋଇଥିବାରୁ ଲୋକେ ଏହାର ଅସୁବିଧା ଆଜି ପର୍ଯ୍ୟନ୍ତ ଭୋଗ କରୁଥିବା ଦେଖିବାକୁ ମିଳିଛି। ରାସ୍ତାକଡରେ ଥିବା ଦୋକାନୀମାନେ ପୂର୍ବରୁ ମଧ୍ୟ ଦୋକାନ ବାହାରକୁ ଅକ୍ତିଆର କରି ନିଜ ପାଇଁ ବ୍ୟବହାର କରୁଥିଲେ। ଏହି ଡିଭାଇଡର ନିର୍ମାଣ କରିବା ପରେ କିଛି ଦିନ କଟକଣା ମାନିବା ପରେ ଏବେ ପୁଣି ଦୋକାନ ବାହାରେ ନିଜ ପସରା ମେଲିଥିବା ଦେଖିବାକୁ ମିଳିଛି। ଏହାଫଳରେ ଦୋକାନକୁ ଆସୁଥିବା ଗ୍ରାହକ ଦୋକାନ ବାହାରେ ପାର୍କିଂ ପାଇଁ ଜାଗା ନ ଥିବାରୁ ରାସ୍ତା ଉପରେ ହିଁ ପାର୍କିଂ କରୁଛନ୍ତି। ଦୁଇ ଚକିଆ, ଚାରି ଚକିଆ ଯାନ ମଧ୍ୟ ରାସ୍ତାରେ ପାର୍କିଂ କରୁଥିବା ଦେଖିବାକୁ ମିଳିଛି। ସେହିପରି ଗୋପାଳଜୀ ମନ୍ଦିର ରାସ୍ତାରେ ମଧ୍ୟ ସମାନ ଅବସ୍ଥା। ଦୋକାନୀ ରାସ୍ତା ପର୍ଯ୍ୟନ୍ତ ନିଜ ଦୋକାନ ସାମଗ୍ରୀ ରଖୁଥିବା ବେଳେ ଗ୍ରାହକଙ୍କ ଗାଡି ରଖିବା ପାଇଁ ଜାଗା ଦେଉନାହାନ୍ତି। ଏହାଫଳରେ ବାଧ୍ୟ ହୋଇ ରାସ୍ତା ଉପରେ ଗାଡି ରଖୁଥିବା ଗ୍ରାହକ କହିଛନ୍ତି। ଦୈନିକ ବଜାର ଅଞ୍ଚଳର ରାସ୍ତାର ଅବସ୍ଥା ନ କହିବା ଭଲ। ଯେତେ ବାରଣ, କଟକଣା ଲଗାଇଲେ ମଧ୍ୟ ଟ୍ରକ୍ ପ୍ରବେଶ ବନ୍ଦ ହେଉନାହିଁ। ରାସ୍ତା ଉପରେ ଘଣ୍ଟା ଘଣ୍ଟା ଟ୍ରକ୍ ଅଟକାଇ ସାମଗ୍ରୀ ଲୋଡିଂ, ଅନଲୋଡିଂ ମଧ୍ୟ କରାଯାଉଥିବା ଦେଖିବାକୁ ମିଳିଛି; ଯାହାର ଦୁର୍ଦ୍ଦଶା ସାଧାରଣ ଲୋକେ ଭୋଗୁଥିବା ଅଭିଯୋଗ କରିଛନ୍ତି। ତେବେ ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଲୋକଙ୍କ ସମସ୍ୟା ବୃଦ୍ଧି ହୋଇଛି।



# ବଲାଙ୍ଗିର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ନେଇ ମୁକେଶଙ୍କ ସମୀକ୍ଷା

ବଲାଙ୍ଗିର,୮ ।୫(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ମାତୃ ଓ ଶିଶୁ ବିଭାଗ ଦେଖିଥିଲେ। ପରେ ଓପିଡି ଓ ଡାଇଲିସିସି ବିଭାଗକୁ ଯାଇ ରୋଗୀ ସେବା ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ-୨ରେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଭୀମଭୋଇ ମେଡିକାଲ କଲେଜ ଡିନ୍-ପ୍ରିନ୍ସିପାଲ ଡା. ସ୍ୱୟମପ୍ରଭା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ପରିବାର କଲ୍ୟାଣ ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଅଧୀକ୍ଷକ ଡା. ବରୋରଚି ଦାସ, ଡିପିଏଚଓ ଡା. ଯଦୁମଣି ନାୟକ, ଡିଏମଓ (ଏମଏସ) ତଥା ସୁପରିଣ୍ଟେଣ୍ଡେଣ୍ଟ ଡା. ଲଳିତ ମୋହନ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଟୀକାକରଣ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନିରାପଦ ମାତୃତ୍ୱ ଓ "ଆନିମିଆ ମୁକ୍ତ ଭାରତ' ବିଷୟରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ପ୍ରବାସୀ ପ୍ରବଣ ଅଞ୍ଚଳରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଶା ଓ ମେଡିକାଲ ଅଧିକାରୀଙ୍କୁ ନଜର ରଖିବା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଗୁରୁତର ରୋଗୀଙ୍କୁ ଯଥାଶୀଘ୍ର ସ୍ଥାନାନ୍ତର କରାଯିବା ପାଇଁ ମେଡିକାଲ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି ଓ ଉପକରଣ ସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହାସହ ଆୟୁର୍ବେଦ ମହାବିଦ୍ୟାଳୟ, ନର୍ସିଂ ବିଦ୍ୟାଳୟ ଓ ସମସ୍ତ ମେଡିକାଲ ସଂସ୍ଥାର ନୂତନ ଓ ପୁରୁଣା କୋଠାର ଭିତ୍ତିଭୂମି, ଔଷଧ ଉପଲବ୍ଧତା ଓ କାର୍ଯ୍ୟରତ କର୍ମଚାରୀଙ୍କ ସ୍ଥିତି ସମ୍ପର୍କରେ ଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ସଂସ୍ଥା ଓ ଭୀମଭୋଇ ମେଡିକାଲ କଲେଜ ଡିନ-ଅଧ୍ୟକ୍ଷଙ୍କ ସହ ଭିତ୍ତିଭୂମି ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ଖାଦ୍ୟ ଓ ଔଷଧର ଗୁଣମାନ ପରୀକ୍ଷା ପାଇଁ ଅଧିକ ସ୍ଥାନରେ ଚଢଉ ଓ ତଦନ୍ତ କରିବାକୁ ଔଷଧ ଓ ଖାଦ୍ୟ ନିରୀକ୍ଷକଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଏଏନଏମଙ୍କୁ ହିମୋଗ୍ଲୋବିନ ମିଟର ବଣ୍ଟନ କରିଥିଲେ। ବୈଠକରେ ଏଡିପିଏଚଓ ସୁଧା ବାର୍ଲା, ଡିପିଏମ ରାଜେଶ ରାଓ ପଟ୍ଟନାୟକଙ୍କ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପଦାଧିକାରୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।




# ଥାନାରେ ପୁଲିସ ସହ ମିଶିଲେ ଶିଶୁ






ବଲାଙ୍ଗିର,୮ ।୫(ସମିସ ): ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥାନା ଅଞ୍ଚଳର ୫ଟି ଅଙ୍ଗନବାଡି କେନ୍ଦ୍ରର ପ୍ରାୟ ୬୦ ଶିଶୁ ଏଥିରେ ଯୋଗ ଦେଇଥିଲେ। ଥାନା ଅଧିକାରୀ ସଞ୍ଜୟ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଶିଶୁଙ୍କ ପ୍ରତି ହେଉଥିବା ବିଭିନ୍ନ ପ୍ରକାର ଅପରାଧ ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ଥାନାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଯାଇଥିଲା। ଥାନାର ବିଭିନ୍ନ ବିଭାଗ ପରିଦର୍ଶନ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ସହ ମତବିନିମୟର ସୁଯୋଗ ମଧ୍ୟ ମିଳିଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ମନରେ ପୁଲିସ ପ୍ରତି ଆତ୍ମବିଶ୍ୱାସ ବୃଦ୍ଧି କରିବା।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି ଥାନାରେ ମଧ୍ୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଗୋପାଳ କର୍ଣ୍ଣଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ଏହି ସଚେତନ କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀମାନେ ସାଇବର ଠକେଇରୁ କେମିତି ସୁରକ୍ଷା ପାଇବେ ଏବଂ ବିଶେଷ କରି କିଶୋରୀମାନେ ତାଙ୍କ ସମସ୍ୟାକୁ କେମିତି ଜଣାଇପାରିବେ ସେ ନେଇ ସଚେତନ କରାଯାଇଥିଲା। ମହିଳା ଓ କିଶୋରୀମାନେ ପୁଲିସକୁ ବନ୍ଧୁ ଭାବେ ଦେଖିବେ ଏବଂ ନିଜ ସମସ୍ୟାକୁ ପୁଲିସକୁ ନିର୍ଭୟରେ କେମିତି ଜଣାଇପାରିବେ ସେ ନେଇ ସଚେତନ କରାଯାଇଥିଲା। କିଶୋରୀମାନଙ୍କୁ ଥାନା ପରିଦର୍ଶନ କରାଇ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଯୋଗ ଦେଇଥିବା ବେଳେ ସମସ୍ତ ୱାର୍ଡର ଅଙ୍ଗନବାଡ଼ି କର୍ମୀ ଏବଂ ମହିଳାମାନେ ଉପସ୍ଥିତ ଥିଲେ।




**ଖପ୍ରାଖୋଲ:** ଖପ୍ରାଖୋଲ ଥାନାରେ ମଧ୍ୟ ୟୁନିସେଫ୍ ଉଦ୍ୟମରେ କିଶୋରୀଙ୍କ ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ନରେନ୍ଦ୍ର ଛତର ଅଧ୍ୟକ୍ଷତା କରିଥିଲେ। ଭିଡିଓ କନଫରେନ୍ସରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କିଶୋରୀଙ୍କୁ ସାଇବର ଅପରାଧ, ମାନସିକ ସ୍ୱାସ୍ଥ୍ୟ, ଡିଜିଟାଲ ସୁରକ୍ଷା, ଶିଶୁ ସୁରକ୍ଷା ଉପରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏଏସ୍‌ଆଇ ରବୀନ୍ଦ୍ର କୁମ୍ଭାର, ନବୀନ ଭୋଇ, ନାରାୟଣ ସାହୁଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

**ପାଟଣାଗଡ:** ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନାରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସାଇବର କ୍ରାଇମରୁ କିଭଳି ରକ୍ଷା ମିଳିବ ସେଥିପାଇଁ ଏକ ସଚେତନ କରାଯାଇଥିଲା।

ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏସଆଇ ଅଶ୍ୱିନୀ ସାହୁ ସାଇବର କ୍ରାଇମ ଉପରେ ସଚେତନତା କରିଥିଲେ। ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଆଦି ବ୍ୟବହାର ବେଳେ ଅଜଣା ବ୍ୟକ୍ତି, ଲୋଭନୀୟ ଅଫର, କୌଣସି ନୂଆ ଲିଙ୍କକୁ ଟଚ ନ କରିବା ଆଦି ବିଷୟରେ ସଚେତନ କରାଯାଇଥିଲା। ଯଦି କୌଣସି ସମସ୍ୟା ହୁଏ ତେବେ ତୁରନ୍ତ ପୁଲିସର ଦ୍ୱାରସ୍ଥ ହେବାସହ ଚାଇଲ୍ଡ ହେଲ୍ପ ଲାଇନ ନମ୍ବର ୧୦୯୮କୁ ତୁରନ୍ତ ଯୋଗାଯୋଗ କରିବା ପାଇଁ ସଚେତନ କରାଯାଇଛି। ଥାନା ଅଧିକାରୀ ଭାନୁଶଙ୍କର ଯାଦବ, ଚିତ୍ରସେନ ସାହୁ, ବିନାୟକ ସାହୁ, ଜମ୍ଭୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



## ବିଶ୍ୱ ରେଡକ୍ରସ ଦିବସରେ ସଚେତନତା ଶୋଭାଯାତ୍ରା




ବୌଦ୍ଧ,୮ ।୫ (ସମିସ): ବୌଦ୍ଧ ଜିଲ୍ଲା ରେଡକ୍ରସ ସୋସାଇଟି ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। ସମାଜସେବା ମାଧ୍ୟମରେ ମାନବତାର ସୁରକ୍ଷା ଓ ସହଯୋଗର ଭାବନାକୁ ଆହୁରି ସୁଦୃଢ଼ କରିବାକୁ ସମସ୍ତେ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ସକାଳେ ଏକ ଜନ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିଲା। ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଯୁବ ରେଡକ୍ରସ ସଦସ୍ୟ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ସମାଜସେବୀ ସଂଗଠନର ସଦସ୍ୟ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଆରକ୍ଷୀ ବାହିନୀ ପ୍ରମୁଖ ଯୋଗଦେଇ ମାନବ ସେବା, ରକ୍ତଦାନ ଓ ଦୁର୍ଯୋଗ ସମୟରେ ସହଯୋଗର ସନ୍ଦେଶ ପ୍ରଚାର କରିଥିଲେ। ବୌଦ୍ଧ ଟାଉନ ହଲ୍‌ରେ ଜିଲ୍ଲା ରେଡକ୍ରସ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ସହ ସଭା ପରିଚାଳନା କରିଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତି ରଞ୍ଜନ ଭୋଇ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାନବତା, ସମାଜ ସେବା ଓ ସହଯୋଗ ଭଳି ରେଡକ୍ରସର ମୂଳ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଟାଉନ ହଲଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସଭା ମଞ୍ଚରେ ଉପଜିଲ୍ଲାପାଳ, ବୌଦ୍ଧ ତହସିଲଦାର, ଅବକାରୀ ଅଧୀକ୍ଷକ ପ୍ରମୁଖଙ୍କୁ ରେଡକ୍ରସକୁ ଅଧିକ ସହାୟତା ପାଣ୍ଠି ଯୋଗାଇଥିବାରୁ ସମ୍ମାନିତ କରାଯାଇଥିଲା। ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ଏବଂ ଲାଇଫ୍ ଟାଇମ ମେମ୍ବର ଓ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବୌଦ୍ଧ,୮ ।୫(ସମିସ): ବିଶ୍ୱ ଥାଲାସେମିଆ ଦିବସ ଅବସରରେ ତୋଫାନପରୀ ଫାଉଣ୍ଡେସନ ପକ୍ଷରୁ ବୌଦ୍ଧ ରକ୍ତଭଣ୍ଡାରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାଲାସେମିଆ ପୀଡ଼ିତ ଶିଶୁ ଓ ରକ୍ତହୀନତାରେ ପୀଡ଼ିତ ରୋଗୀଙ୍କ ସହାୟତା ପାଇଁ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ବହୁ ଯୁବକ ଓ ସାମାଜିକ କର୍ମୀ ରକ୍ତଦାନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ସାର୍ଥକ ମହାପାତ୍ର, ଜ୍ଞାନ ପ୍ରକାଶ ପାଣିଗ୍ରାହୀ, ତୋଫାନ ମହାରଥୀ ପ୍ରମୁଖ ସହଯୋଗ କରିଥିଲେ।

## ୨୧ ୟୁନିଟ୍ ରକ୍ତ ସଂଗ୍ରହ




ତରଭା, ୮ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରେଡ୍‌କ୍ରସ ସୋସାଇଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଭା ଏବଂ ଏହା ପରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାସ, ଡାକ୍ତର ମାନସ ଦାସ, ଡ. ରମେଶ ଚନ୍ଦ୍ର ସ୍ୱାଇଁ ଓ ଡ. ଦୁର୍ଗାଦତ୍ତ ଦାସ ଯୋଗ ଦେଇଥିଲେ। ଶିବିର ଜିଲ୍ଲା ରେଡ୍ କ୍ରସ ସୋସାଇଟି ଓ ରକ୍ତ ଭଣ୍ଡାରର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। ଜିଲ୍ଲା ଜରୁରୀ ଶାଖା ଅଧିକାରୀ ରାଜେଶ ସାହୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ୨୧ ଜଣ ରକ୍ତଦାନ କରିଥିଲେ।

### ତରଭା ପଞ୍ଚାୟତ ସମିତି ବୈଠକ

# ଉନ୍ନୟନମୂଳକ କାର୍ଯ୍ୟର ସମାଧାନ ହେଉ ନ ଥିବାରୁ ଅସନ୍ତୋଷ

ତରଭା,୮ ।୫(ସମିସ)



- ତରଭା ସବ୍‌ଡିଭିଜନ ଦାବିକୁ ସମର୍ଥନ
- ଚୂଡ଼ାଖାଇ ପାହାଡ଼, ବରପାହାଡ଼ ଅଞ୍ଚଳରେ ଅଧିକ ଗଛ ଲଗାଇବାକୁ ପ୍ରସ୍ତାବ

ତରଭା ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ, ପାଣି, ବିଦ୍ୟୁତ୍, ବାର୍ଦ୍ଧକ୍ୟ ଭତ୍ତା, ହରିଶ୍ଚନ୍ଦ୍ର ସହାୟତା ସହ ବିଭିନ୍ନ ସମସ୍ୟା ସମାଧାନ ହେଉନି ବୋଲି ଏହି ବୈଠରେ ସଭ୍ୟମାନେ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ତରଭା ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ଏହି ବୈଠକ ବସିଥିଲା। ଏଥିରେ ବ୍ଲକ ଅଧକ୍ଷ ସରୋଜ କମ୍ପ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି କମ୍ପ, ଶକୁନ୍ତଳା ପୃଷ୍ଟି, ବ୍ଲକ ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ବିମଳ ମିଶ୍ର, ସୋନପୁର ବିଧାୟକଙ୍କ ପ୍ରତିନିଧି ଦଶରଥ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ନିଜ ପଞ୍ଚାୟତରେ ରହିଥିବା ସମସ୍ୟାର ସମାଧାନ, ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପନ୍ଥା ପ୍ରତି ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପଞ୍ଚାୟତରେ ସରପଞ୍ଚମାନଙ୍କ ବିନା ଜ୍ଞାତସାରରେ ଇଲେକ୍ଟ୍ରିକ ବଲବ ଲଗାଯାଉଛି। ଗୋଟିଏ ସଂସ୍ଥା ଏହା ଲଗାଉଛି। ବିଲ୍ ନେଉଛି ଗୋଟିଏ ସଂସ୍ଥା। ଲାଇନ ଦେଉଛି ଗୋଟିଏ ସଂସ୍ଥା; ହେଲେ ଏହାର ମରାମତି ପାଇଁ କୌଣସି ସଂସ୍ଥା ଆସୁ ନାହାନ୍ତି। ବିଲ୍ ଅସୁଲି ବେଳେ ସରପଞ୍ଚଙ୍କ ତଣ୍ଟି ଧରୁଛି ବିଦ୍ୟୁତ ବିଭାଗ। ସରଗଜ ସରପଞ୍ଚ ନର୍ମଦା ମିଶ୍ର ଏହାକୁ ନେଇ ବିରକ୍ତି ପ୍ରକାଶ କରିଥିଲେ। ଅନେକ ସ୍ଥାନରେ ବଲବ ଜଳୁ ନାହିଁ; କିନ୍ତୁ ବିଲ ଦେବାକୁ ପଡୁଛି। ଅନେକ ସ୍ଥାନରେ ମିଟର ମଧ୍ୟ ଲଗାଯାଉ ନାହିଁ। ତେବେ ଆସନ୍ତା ବର୍ଷରୁ ବିଲ ଦିଆଯିବ ନାହିଁ ବୋଲି ସରପଞ୍ଚ ମାନେ ମତ ରଖିଥିଲେ। ଅନ୍ୟପକ୍ଷେ ଚୂଡ଼ାଖାଇ ପାହାଡ଼, ବରପାହାଡ଼ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଅଧିକ ଗଛ ଲଗାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଶେଷରେ ସରଗଜ ସରପଞ୍ଚ ନର୍ମଦା ମିଶ୍ର ତରଭାକୁ ଉପଖଣ୍ଡ ମାନ୍ୟତା ଦିଆଯାଉ ବୋଲି ସମିତି ବୈଠକରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଉପସ୍ଥିତ ସମସ୍ତ ଜନପ୍ରତିନିଧି ଏହାକୁ ସମର୍ଥନ କରିଥିଲେ। ଏହି ବୈଠକରେ ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢୀକରଣ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ, ପାନୀୟ ଜଳ ଯୋଗାଣ ଓ ଜଳ ପରିମଳ, ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା, ବିଦ୍ୟୁତ୍ ବିଭାଗ, ଜଙ୍ଗଲ ବିଭାଗ, ପ୍ରାଣୀଧନ ଚିକିତ୍ସା ବିଭାଗ, ଶିଶୁ ବିକାଶ ଓ ମହିଳା ସଶକ୍ତି କରଣ ବିଭାଗ, ସାଧାରଣ ବଣ୍ଟନ ବ୍ୟବସ୍ଥା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଶିକ୍ଷା ବିଭାଗ ଉପରେ ଆଲୋଚନା ହୋଇଥିଲା। ନିର୍ବାଚିତ ପ୍ରତିନିଧି ଘନଶ୍ୟାମ, ମୁଜଲିମ ମହମ୍ମଦ, ମନମୋହନ ସାହୁ, ସୁରୁବାବୁ, ରାମ ସାହୁ, ମନୋଜ ପଣ୍ଡା, ଅଶ୍ୱିନୀ ବିଶି, ସୁଦାମ ଦୀପଙ୍କ ସମେତ ସହକାରୀ ଯନ୍ତ୍ରୀ ଶୁବନାଥ ମାଝୀ, ହରିହର ଧରୁଆ, ସତ୍ୟନାରାୟଣ ମହାପାତ୍ର, ସମସ୍ତ ପିଇଓ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଡ଼ିଓ ଶିବାନନ୍ଦ କର୍ମୀ ଧନ୍ୟବାଦ ଦେଇଥିଲେ।

## ରଇଠାଣିରେ ଶିଶୁ କଲ୍ୟାଣ କମିଟିର ସଚେତନତା କାର୍ଯ୍ୟକ୍ରମ



ବୌଦ୍ଧ,୮ ।୫ (ସମିସ): ବୌଦ୍ଧ ଜିଲ୍ଲା ରଇଠାଣିରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥା ଆନୁକୂଲ୍ୟରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ କମିଟିର ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ କାଉନ୍ସେଲର ସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଥିଲା। ସମାଜରୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ସମୂଳେ ନିରାକରଣ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଏହି ବୈଠକର ମୂଳ ଲକ୍ଷ୍ୟ। ବୈଠକରେ ରଇଠାଣି ଗ୍ରାମର ଅଙ୍ଗନବାଡ଼ି କର୍ମୀ, ୱାର୍ଡସଭ୍ୟ, ଗ୍ରାମର ବରିଷ୍ଠ ବ୍ୟକ୍ତି, ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଞ୍ଚିତ ହେବା, ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଦେଖା ଦେବା ଆଦି ବିଷୟରେ ଆଲୋକପାତ କରାଯାଇଥିଲା। ଏହା ସହିତ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ସହ ସଂପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟ ବିବାହ ସମ୍ପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକର ଶେଷରେ ସମସ୍ତ ଉପସ୍ଥିତ ବ୍ୟକ୍ତି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ। ଏହା ସହିତ ସମାଜରେ ସଚେତନତାର ଆଲୋକ ପ୍ରଜ୍ୱଳିତ କରି ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁରକ୍ଷିତ ଓ ଶିକ୍ଷିତ ପରିବେଶ ସୃଷ୍ଟି କରିବାର ସଙ୍କଳ୍ପ ନେଇଥିଲେ।

## ବିଦ୍ୟାଳୟ ଯିବାର ପୂର୍ବ ପ୍ରସ୍ତୁତି ମେଳା



ହରଭଙ୍ଗା,୮ ।୫(ସମିସ): ରତନପୁର ଗ୍ରାମରେ ପ୍ରଥମ ଓଡ଼ିଶା ତରଫରୁ ବିଦ୍ୟାଳୟ ଯିବାର ପୂର୍ବ ପ୍ରସ୍ତୁତି ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ସିଆରସିସି ପ୍ରମୋଦ ପାଣିଗ୍ରାହୀ, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ପ୍ରଥମ ଓଡ଼ିଶା ରାଜ୍ୟ ଟିମ୍ ଏବଂ ଜିଲ୍ଲା ଟିମ୍ ଯୋଗ ଦେଇଥିଲେ। ଏହି ମେଳାରେ ମାଆ ଓ ପିଲାମାନଙ୍କ ସହଭାଗିତାରେ ପିଲାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ୭ଟି ଷ୍ଟଲ୍ ଆୟୋଜନ କରାଯାଇଥିଲା। ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ପିଲାମାନଙ୍କର ଭାଷା, ଗଣିତ, ସାମାଜିକ, ଭାବନାତ୍ମକ ଓ ଶାରୀରିକ ବିକାଶ ସମ୍ବନ୍ଧୀୟ ଦକ୍ଷତାକୁ ଯାଞ୍ଚ କରାଯାଇଥିଲା। ମାଆମାନଙ୍କ ସହ ଶିକ୍ଷାର ଗୁରୁତ୍ୱ ଓ ପିଲାଙ୍କ ମୂଳଦୁଆ କିପରି ମଜବୁତ କରାଯାଇପାରିବ ସେନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ସେ କହିଥିଲେ ଯେ, ପିଲାଙ୍କ ଶୈଶବରୁ ଠିକ୍ ଶିକ୍ଷା ଓ ପରିବେଶ ତାଙ୍କ ଆଗାମୀ ଭବିଷ୍ୟତକୁ ମଜବୁତ କରିପାରିବ।

## ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି



ବୌଦ୍ଧ,୮ ।୫(ସମିସ): ସୋମନାଥ ସ୍ୱାଭିମାନ ପର୍ବ ଅବିନାଶୀ ଆସ୍ଥାର ୧୦୦୦ ବର୍ଷ ପୂର୍ତ୍ତି ଅବସରରେ ବୌଦ୍ଧରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ୧୧ ତାରିଖରେ ଅନୁଷ୍ଠିତ ହେବ। ବୌଦ୍ଧ ସହରର ରାମେଶ୍ୱର ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଏହା ପକ୍ଷରୁ ଆୟୋଜନ କରାଯାଉଛି। ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିନୀ କକ୍ଷରେ ଏଥିଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଡୁଙ୍ଗୁରିପାଲି ଥାନାରେ ସଚେତନତା କାର୍ଯ୍ୟକ୍ରମ



ଡୁଙ୍ଗୁରିପାଲି,୮ ।୫(ସମିସ): ଓଡ଼ିଶା ପୋଲିସ ଓ ୟୁନିସେଫ୍ ମିଳିତ ସହଯୋଗରେ ରାଜ୍ୟବ୍ୟାପୀ ବିଭିନ୍ନ ଥାନାରେ ସ୍ଥାନୀୟ ଶିଶୁମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଥାନା ପରିସରରେ ଥାନା ଅଧିକାରୀ ରୋଜାଲିନ ପଟେଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଏସପି ରାଜେଶ୍ୱରୀ ଭୋଇ, ଏଏସ୍‌ଆଇ ବୀଣା ନାଗ, ସିଡିପିଓ ମୌସୁମୀ ମାଇଟି, ସୁପର ଭାଇଜର, ଅଙ୍ଗନବାଡି ୱାର୍କର, ବାଳିକାଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ପିଢ଼ୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଶିଶୁ ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଓ ପୁଲିସ-ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିଶୁମାନଙ୍କୁ ଅଧିକାରୀମାନେ ଥାନା ପରିଦର୍ଶନ କରିବା ସହ ବୁଝାଇ ଥିଲେ।

## ପୁରୁଣାକଟକ ଥାନା ଆଇଆଇସିଙ୍କ ବଦଳି



ବୌଦ୍ଧ,୮ ।୫(ସମିସ): ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଆଇଆଇସି ଅରୁଣ ସିଂଙ୍କୁ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟକୁ ବଦଳି ହୋଇଛି। ବୌଦ୍ଧ ପୁଲିସ୍ କାର୍ଯ୍ୟାଳୟ ସହ ସାଇବର ଥାନାରେ କାର୍ଯ୍ୟ କରୁଥିବା ଇନ୍ସପେକ୍ଟର ରଂଜିତ ମୁନୀଙ୍କୁ ପୁରୁଣା କଟକ ଥାନା ଆଇଆଇସି ଭାବେ ବଦଳି ହୋଇଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ପୁରୁଣାକଟକ ଥାନା ପରିସରରେ ପୁଲିସ-ଗ୍ରାମବାସୀ ପିଟା ପିଟି ଘଟଣା ପରେ ଏସ୍‌ପି ଏଭଳି ନିଷ୍ପତ୍ତି ନେଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ଶ୍ରୀ ମୁନୀ ୨ ବର୍ଷ ତଳେ କିଛି ମାସ ପାଇଁ ପୁରୁଣାକଟକ ଆଇଆଇସି ଭାବେ କାର୍ଯ୍ୟ କରିଥିବାର ଅଭିଜ୍ଞତା ରହିଛି।

## ପିଇଓଙ୍କ ମାଡ଼ରେ ସରପଞ୍ଚ ଗୁରୁତର



କଣ୍ଟାମାଳ,୮ ।୫ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଗଣ୍ଡଗୋଳ ଏଭଳି ଉଗ୍ର ରୂପ ନେଇଥିଲା ଯେ ପିଇଓଙ୍କ ମାଡ଼ରେ ସରପଞ୍ଚ ଦୌଲଥ ପାଣ୍ଡେ ଗୁରୁତର ହୋଇଛନ୍ତି। କୌଣସି ଏକ କାମକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ପିଇଓ ଟିକେଲାଲ ମାଝୀ ସରପଞ୍ଚଙ୍କୁ ମାଡ ମାରିବା ସହ ପିସ୍ତଲ ମଧ୍ୟ ଦେଖାଇ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଘଣ୍ଟାପଡା ଥାନାରେ ଏ ନେଇ ସରପଞ୍ଚ ଏତଲା ଦେଇଛନ୍ତି।

## ବାଟୋଇଙ୍କୁ ଥଣ୍ଡା ପାନୀୟ ବଣ୍ଟନ

ଡୁଙ୍ଗୁରିପାଲି,୮ ।୫(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ସାହିତ୍ୟ ସଂସଦ, ଦିବ୍ୟଜୀବନୀ, ଜୁନିୟର ରେଡ୍‌କ୍ରସ ପକ୍ଷରୁ ଜଳ ସେବା କରାଯାଇଛି। ଡୁଙ୍ଗୁରିପାଲି ସାପ୍ତାହିକ ବଜାର ସମ୍ମୁଖରେ ୨୬ନମ୍ବର ଜାତୀୟ ରାଜପଥ ଆରଏମସି ଛକ ନିକଟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ନାଏକଙ୍କ ତତ୍ତ୍ୱାବଧାରେ ଅମୂଲ୍ୟ ବେହେରା, ବୀରେନ୍ଦ୍ର ସାହୁ, ନିମାଇଁ ମଲ୍ଲିକ, ରାଧାକାନ୍ତ ଗଡତିଆ, ରିଲୁ ସେଟ, ଆୟୁଷ ମନ ବେହେରା, ସଞ୍ଜୟ ବେହେରା, ଆକାଶ ବେହେରା, ଅରମାନ ବେହେରା, ହୃଷିକେଶ ପଣ୍ଡା, ପିୟୁଷ ନାଏକ, ସର୍ବେଶ୍ୱର ମେହେର, କୁମୁଦ ମଟାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ଖୁଣ୍ଟିଗୋରା କ୍ରିକେଟ: ସେମିରେ ସୁପର ଏଇଟ୍



କଣ୍ଟାମାଳ,୮ ।୫(ସମିସ): କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରା ଖେଳ ପଡିଆରେ ଚାଲିଥିବା ସପ୍ତମ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୁପର ଏଇଟ ସେମି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ଲିଗ ମ୍ୟାଚରେ ବଲାଙ୍ଗିଜୋର ଦଳକୁ ହରାଇ ଏମକେସିସି, ସିଂହାରୀ ଦଳକୁ ହରାଇ ସୁପର ଏଇଟ୍, କମସରା ଦଳକୁ ହରାଇ କମଘାଟ, ଜୁନାନୀ ଦଳକୁ ହରାଇ ରାଜୁ ଇଲେଭେନ୍ ଦଳ ବିଜୟୀ ହୋଇଥିଲା। ପ୍ରି-କ୍ୱାର୍ଟର ଖେଳରେ ଏମକେସିସି ଦଳକୁ ହରାଇ ସୁପର ଏଇଟ୍ ଏବଂ ରାଜୁ ଇଲେଭେନ୍‌କୁ ହରାଇ କମଘାଟ ବିଜୟୀ ହୋଇଥିଲା। କ୍ୱାର୍ଟର ଫାଇନାଲରେ କମଘାଟ ଦଳକୁ ହରାଇ ସୁପର ଏଇଟ୍ ଦଳ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲକୁ ପ୍ରବେଶ କରିଛି। ବବୁଲ ସାହୁ, ଜେବି ଓ ସୋନୁ ପୁଝାରୀ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ବାରିକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଭକ୍ତ ସାହୁ ଓ ଆଜାଦ କଲତା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ବ୍ୟବସାୟୀ ବ୍ରଜରାଜ ସାହୁ, ସ୍ୱାସ୍ଥ୍ୟକର୍ମୀ ସୁବୋଧ ସାହୁ, ଆଜାଦ କଲତା, ସାମ୍ବାଦିକ ବଂଶୀଧର ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ।



ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବାଙ୍କିପାଲି ହାଇସ୍କୁଲ ପରିଦର୍ଶନ କରିବା ଅବସରରେ

ସକାଳ THE SAKALA



### ଓଡ଼ିଶା ମେଟାଲିକ୍ସ ବିରୁଦ୍ଧରେ ବଢୁଛି ଜନ ଅସନ୍ତୋଷ

# ନିଯୁକ୍ତି ଓ ବେଆଇନ ଜଳ ଉଠାଣକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୮।୫(ସମିସ)



ଝାରସୁଗୁଡ଼ା ଜିଲ୍ଲା ମରାକୁଟା ସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାର ମନମୁଖୀ କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୁରୁଣା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି ଏବଂ ଭେଡେନ ନଦୀରୁ ବେଆଇନ ଜଳ ଉଠାଣ ଅଭିଯୋଗରେ ସ୍ଥାନୀୟ ଲୋକେ ଓ ଶ୍ରମିକମାନେ ଶୁକ୍ରବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ପୁଣି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ମେ ୧୩ ତାରିଖରୁ କାରଖାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କମ୍ପାନୀ ପୁରୁଣା କର୍ମଚାରୀଙ୍କୁ କମ୍ପାନୀର ପେ-ରୋଲ୍ ନିୟମ ଅନୁଯାୟୀ କମ୍ପାନୀରେ ସିଧାସଳଖ ନିଯୁକ୍ତି ପ୍ରଦାନ କରୁ, ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ପ୍ରାଥମିକତା ପ୍ରଦାନ କରାଯାଉ, ଅବସର ନେବାକୁ ଚାହୁଁଥିବା କର୍ମଚାରୀଙ୍କ ବକେୟା ପାଉଣା ତୁରନ୍ତ ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏନେଇ ଜିଲ୍ଲାପାଳ, ଏସପି ଓ ଶ୍ରମ କମିଶନରଙ୍କୁ ମଧ୍ୟ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପଟେ, ଓଡ଼ିଶା ମେଟାଲିକ୍ସ ବିରୁଦ୍ଧରେ ଇବ ନଦୀରୁ ବେଆଇନ ଭାବେ ଜଳ ଉଠାଣ କରାଯାଉଥିବା ନେଇ ବ୍ରଜରାଜନଗର ପୌରପାଳିକାର କାଉନସିଲର ଏବଂ ରେମଜା, ଉଜ୍ଜଳପୁରର ଗ୍ରାମବାସୀ ଶୁକ୍ରବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ କମ୍ପାନୀ ବିରୋଧରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିନା ସରକାରୀ ଅନୁମତିରେ ପାଇପ ଲାଇନ ବିଛାଇ ଶିଳ୍ପ ବ୍ୟବହାର ପାଇଁ ପାଣି ନିଆଯାଉଥିବାରୁ, ଏହାର ପ୍ରଭାବରେ ନଦୀ କୂଳିଆ ପ୍ରାୟ ୫୦ରୁ ଅଧିକ ଗ୍ରାମରେ ଜଳାଭାବ ଦେଖାଦେଇଛି। ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଗାଧୋଇବା ପାଇଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ନଦୀ ଶୁଖିଯାଉଥିବାରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ସଙ୍କଟ ସୃଷ୍ଟି ହୋଇଛି। ସରକାରୀ ରାଜସ୍ୱ କ୍ଷତି ହେଉଥିବା ମଧ୍ୟ ଦର୍ଶାଯାଇଛି। ସେହିପରି ମରାକୁଟା ଗ୍ରାମ ପଞ୍ଚାୟତବାସୀ ଶୁକ୍ରବାର ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ର ଅନୁସାରେ ଓଡ଼ିଶା ମେଟାଲିକ କମ୍ପାନୀ ପକ୍ଷରୁ ସ୍ଥାନୀୟ ଗୋଚର ଜମିକୁ ମଧ୍ୟ ଜବରଦଖଲ କରାଯାଉଛି। ଅଞ୍ଚଳରେ କମ୍ପାନୀ ଦ୍ୱାରା କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉ ନ ଥିଲେ ମଧ୍ୟ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ୟାର ସମାଧାନ ନହୁଏ, ତେବେ ଶତାଧିକ ଶ୍ରମିକ, କମ୍ପାନୀ ପୁରୁଣା କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଆସନ୍ତା ମଇ ୧୩ ତାରିଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବୁ ବୋଲି ଜିଲ୍ଲା ପ୍ରଶାସନ ନିକଟରେ ନିଜ ନିଜ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆଜିର ଏହି ପୃଥକ ପୃଥକ ଦାବିପତ୍ର ଦେବା ସମୟରେ ଓଡ଼ିଶା ମେଟାଲିକ ପୂର୍ବତନ କର୍ମଚାରୀ ସଂଘ ତରଫରୁ ଦେବାନନ୍ଦ ବାରିକ, ଦୌଡ଼ ନାୟକ, ଆଶିଷ ବଡପଣ୍ଡା, ରବି ଭୋଇ, ବେଆଇନ ଜଳ ଉଠାଣ ନେଇ ଅଭିଯୋଗ ପତ୍ର ପ୍ରଦାନ ସମୟରେ ବ୍ରଜରାଜନଗର ପୌର ପରିଷଦର କାଉନସିଲର ଏବଂ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଅଧିକାର ଓ ବେଆଇନ କାର୍ଯ୍ୟ ବିରୋଧରେ ଅଭିଯୋଗ ପତ୍ର ଦେବା ସମୟରେ ମରାକୁଟା ସରପଞ୍ଚ ଲିଲି ତନ୍ତୀ, ନାଏବ ସରପଞ୍ଚ ଆଶିଷ ଗର୍ଡ଼ିଆ, ସମିତି ସଭ୍ୟ ସୁଜାତା ମେହେରଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ପାଇଁ ୫୨.୬୯ କୋଟି ମଞ୍ଜୁର

**ଇବଥର୍ମାଲ, ୮।୫(ସମିସ):** ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଲଖନପୁର ବ୍ଲକ ଜୋନ୍-୩ ଅନ୍ତର୍ଗତ ଦୁଇଟି ମୁଖ୍ୟ ରାସ୍ତା ସକାଶେ ଭାରତ ସରକାରଙ୍କ ରୋଡ୍ ଟ୍ରାନ୍ସପୋର୍ଟ ଏବଂ ହାଇୱେ ମନ୍ତ୍ରଣାଳୟ (ଇଷ୍ଟ ଜୋନ୍) ପକ୍ଷରୁ ୫୨.୬୯ କୋଟି ଅନୁଦାନ ମଞ୍ଜୁର ହୋଇଛି। ଗତ ୬ ତାରିଖରେ ମୁଖ୍ୟ ସଚିବ ପବ୍ଲିକ ୱାର୍କସ ଡିପାର୍ଟମେଣ୍ଟଙ୍କୁ ଏନେଇ ଚିଠି ମାଧ୍ୟମରେ ସୂଚିତ କରିଛନ୍ତି। ଜୋନ୍ -୩ ଅନ୍ତର୍ଗତ ଦଳଗାଁ ଠାରୁ ଚିଲିକା ପର୍ଯ୍ୟନ୍ତ ୧୧ କିଲୋମିଟର ୮୦୦ ମିଟର ରାସ୍ତା, ଚାରପାଲି ଠାରୁ ରମ୍ପେଲା ଡଙ୍ଗା ଘାଟ ତଥା ରମ୍ପେଲା ବ୍ରିଜ୍ ଏପ୍ରୋଚ୍ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଏହି ଅନୁଦାନ ମଞ୍ଜୁର ହୋଇଛି। ବର୍ଷ ବର୍ଷ ଧରି ଅଞ୍ଚଳବାସୀ ଏହି ରାସ୍ତାର ଦୁରାବସ୍ଥାକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ପାଖରେ ବାରମ୍ବାର ଦାବି କରି ଆସିଥିଲେ। ସ୍ଥାନୀୟବାସୀନ୍ଦା ଏଥିପାଇଁ ବିଧାୟକ ତଥା ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ ଓ ସାଂସଦ ଶ୍ରୀ ପୁରୋହିତଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ୫ ବାଇକ୍ ଜବତ; ୩ ଗିରଫ



**ଝାରସୁଗୁଡା, ୮।୫(ସମିସ):** ଏକ ମୋଟର ସାଇକେଲ ଗ୍ୟାଙ୍ଗକୁ କାବୁ କରିବାରେ ବ୍ରଜରାଜନଗର ପୋଲିସକୁ ସଫଳତା ମିଳିଛି। ବାଇକ ଚୋରି ଅଭିଯୋଗରେ ତିନିଜଣ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ୫ ଗୋଟି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ୭ ତାରିଖରେ ବ୍ରଜରାଜନଗର ଥାନା ନୂଆଡ଼ିହି ଗ୍ରାମର ଚନ୍ଦ୍ରମଣି ରଣା ତାଙ୍କର ୟମାହା ଏଫଜେଡ(ଓଡ଼ି ୧୫ ଜି ୯୩୮୩) ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ବ୍ରଜରାଜନଗର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ କରାଯାଇ ତିନି ଜଣ ଅଭିଯୁକ୍ତକୁ ଗିରଫ କରାଯିବା ସହିତ ଅଭିଯୁକ୍ତମାନଙ୍କ ନିକଟରୁ ୫ ଗୋଟି ମୋଟର ସାଇକେଲ ଜବତ କରାଯାଇଛି। ଅଭିଯୁକ୍ତମାନେ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ରାଏଡ଼ିହିର ପ୍ରୀତମ ବୁଡା(୧୯), ଗୋପାଳ କଲେତ(୩୪), ଚମ୍ପାସରାର ଚନ୍ଦ୍ରହାସ ଗରଡ଼ିଆ(୨୭) ହୋଇଥିବା ନେଇ ଶୁକ୍ରବାର ପୋଲିସ ତରଫରୁ ସୂଚନା ଦିଆଯାଇଛି।



## କାଙ୍କମାଳରେ ଅଖଣ୍ଡ ତାରକ ନାମଯଜ୍ଞ

**ଝାରସୁଗୁଡା, ୮।୫(ସମିସ):** ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକସ୍ଥିତ କାଙ୍କମାଳ ଗ୍ରାମରେ ଭାତୃତ୍ୱ ଦିବ୍ୟାୱା ପରିଷଦ, ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ, କ୍ଷିତି ଜ୍ୟୋତିଃ ଆଶ୍ରମ ସ୍ୱର୍ଣ୍ଣ କ୍ଷେତ୍ର, ଝାରସୁଗୁଡ଼ା ଫଡ଼ଙ୍ଗାଡିହି କେନ୍ଦ୍ର ସଂଗଠନ ଆନୁକୂଲ୍ୟରେ 'ଅଖଣ୍ଡ ତାରକା ନାମଯଜ୍ଞ' ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ। ଏହା ମେ ୧୫ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏକ ପ୍ରଚାର ରଥର ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏଥିରେ ପରିଷଦର ସଭାପତି ରବିନାରାୟଣ ମିର୍ଦ୍ଧା, ଯଜ୍ଞ କମିଟିର କର୍ମକର୍ତ୍ତା କାଙ୍କମାଳର ଲକ୍ଷ୍ମୀଧର ପଟେଲ, ଲଳିତ ମଗର, କୌଶିକ ଲୁହା ପ୍ରମୁଖ ସହ ବହୁ ମାନ୍ୟଗଣ୍ୟ ଉପସ୍ଥିତ ରହି ରଥର ଶୁଭାରମ୍ଭ କରିଥିଲେ।

## 'ଜୁଭେନ୍‌ଟିକା' ସଚେତନତା କାର୍ଯ୍ୟକ୍ରମ




**ଇବଥର୍ମାଲ, ୮।୫ (ସମିସ):** ବନହରପାଲି ଥାନାରେ ୧୮ ବର୍ଷରୁ କମ୍ ଶିଶୁ ଓ ତରୁଣଙ୍କ ପାଇଁ 'ଜୁଭେନଟିକା' ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିନୋଦ କୁମାର ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଧବାହାଲ ଫାଣ୍ଡି, କୁମ୍ଭାରବନ୍ଧ ଫାଣ୍ଡି, ବନହରପାଲି ଥାନା ଅଞ୍ଚଳର ବାଳକ ବାଳିକା ଯୋଗ ଦେଇଥିଲେ। ପ୍ରଥମେ ମୋବାଇଲର ବହୁଳ ବ୍ୟବହାର ଶିଶୁମାନଙ୍କୁ ବିପଥଗାମୀ କରାଉଥିବା ଏବଂ କୋମଳମତି ଶିଶୁର ସୁଯୋଗ ନେଇ ସାଇବର କ୍ରାଇମ ଘଟୁଥିବା ହେତୁ ସେ ସମସ୍ୟାର ସମାଧାନ କିପରି ପିଲାମାନେ କରିପାରିବେ ସୂଚନା ଦେଇଥିଲେ। ପରେ ଥାନାରେ ପିଲାଙ୍କୁ ମୋବାଇଲରେ ଧମକ ହେଲେ ବାପା ମାଁ ତଥା ପୋଲିସକୁ କିପରି ଜଣାଇବା, ଛୋଟପିଲା ମୋବାଇଲ ଠାରୁ କେମିତି ଓ କାହିଁକି ଦୁର ରହିବାକଥା, ଇଣ୍ଟରନେଟ ବ୍ୟବହାର କେତେ ଲାଭ ଓ କ୍ଷତିକର, ଅନଲାଇନ ସୁରକ୍ଷା କେମିତି ଆମର ଦାୟିତ୍ୱ ଅଟେ, ଅଜଣା ଲୋକ ସହ ଫ୍ରେଣ୍ଡ ହେବା ଓ ଚାଟିଙ୍ଗ କରିବାଠାରୁ କିଭଳି ଦୂରରେ ରହିବା ପ୍ରଭୃତି ସମ୍ପର୍କରେ ପିଲାଙ୍କୁ ଶିଖାଯାଇଥିଲା। ଯଦି ସେଭଳି କିଛି ଅସୁବିଧା ହୁଏ ତାହେଲେ ଭୟ ନକରି ଥାନାରେ ନିଯୁକ୍ତ ସିଡିପିଓ ବିନିତା ଟପ୍ପୋଙ୍କୁ ଯୋଗାଯୋଗ କରିବାକୁ ଆଇଆଇସି ପରାମର୍ଶ ଦେଇଥିଲେ। ସେ ସମ୍ପର୍କରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଆଭାସୀ ମାଧ୍ୟମରେ ଏଡିସ୍ନାଲ ଆଇଆଇସି ଶ୍ରୀମତୀ ଟପ୍ପୋ ମଧ୍ୟ ପ୍ରାଥମିକତାର ସହ କେମିତି ସମସ୍ୟାର ସମାଧାନ କରାଯିବ ତାହା ପିଲାଙ୍କୁ ବୁଝେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଦଲେଇ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରମେଶ ଭିଁଇସାଙ୍କ ସହ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ଝାରସୁଗୁଡା:** ଝାରସୁଗୁଡା ଜିଲ୍ଲା ବଡମାଲ ଥାନା ପରିସରରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରିଣୀ ମଧୁମିତା ମିଶ୍ରଙ୍କ ଅଧ୍ୟକ୍ଷତା ଓ ଥାନା ଅଧିକାରୀ ଦିଲିପ ବେହେରାଙ୍କ ତତ୍ତ୍ୱାବଧାନରେ ବୃନ୍ଦମାଳ, ବଡମାଳ, ସାପଡ଼ା, ହିରମା ଅଞ୍ଚଳର ମହିଳା, ଯୁବତୀ, ଛାତ୍ରଛାତ୍ରୀମାନଙ୍କୁ ନେଇ 'ଜୁଭେନଟିକା' ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟତଃ ଯୁବତୀ ଛାତ୍ରଛାତ୍ରୀଙ୍କୁ ମୋବାଇଲର ଅପବ୍ୟବହାର, ସତର୍କତା ପ୍ରତି ଅବଲୋକନ ଓ ପୋଲିସର ସହାୟତା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଆଇଆଇସି ପବିତ୍ର ଭୋଏ, ଏଏସଆଇ ପ୍ରଦୀପ କୁମାର ପଟେଲ ସହ ଏଏସଆଇ ସୁଶୀଳ କୁମାର ଦାସ, ବାସନ୍ତୀ ନାଏକ, ସପୁରା ବରିହା, ସୁଶୀଳ କୁମାର ନେଟୀ, ହାବିଲଦାର ନନ୍ଦକିଶୋର ନାଏକ ସହ ଦେବେନ୍ଦ୍ର ପଶାୟତ ଉପସ୍ଥିତ ଥିଲେ।




### କାଉନସିଲ ବୈଠକ

## ମୁହଁରେ କଳା କପଡ଼ା ବାନ୍ଧି ଯୋଗଦେଲେ ଉପନଗରପାଳ, କାଉନସିଲର



**ଝାରସୁଗୁଡ଼ା, ୮।୫ (ସମିସ):** ମୁହଁରେ କଳା କପଡ଼ା ବାନ୍ଧି କାଉନସିଲ ବୈଠକରେ ବେଲପାହାଡ଼ ପୌର ପରିଷଦ ଉପନଗରପାଳ ଓ ତାଙ୍କ ସହଯୋଗୀ କାଉନସିଲରମାନେ ଯୋଗଦେଇଛନ୍ତି। ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ ଶୁକ୍ରବାର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ବେଲପାହାଡ ପୌରପରିଷଦରେ ବ୍ୟାପକ ଦୁର୍ନୀତି ହୋଇଥିବା, ପୌର ପରିଷଦକୁ ଆସିଥିବା ପାଣ୍ଠିର ହିସାବ ପ୍ରଦାନ କରା ନଯିବା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚାପରେ କାମ କରୁଥିବା, କିଛି ନିର୍ଦ୍ଦିଷ୍ଟ ୱାର୍ଡ଼କୁ ଛାଡିଦେଲେ ଅଧିକାଂଶ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉ ନଥିବା ଆଦି ଅଭିଯୋଗ କରି ମୁହଁରେ କଳାକପଡ଼ା ବାନ୍ଧି ଉପନଗରପାଳ ଏବଂ ତାଙ୍କ ସମର୍ଥିତ କାଉନସିଲର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ବେଲପାହାଡ ପୌରପରିଷଦକୁ ଆସିଥିବା ପାଣ୍ଠି ଏବଂ ଆୟବ୍ୟୟର ହିସାବ ଦେବା ପରେ କାଉନସିଲ ବୈଠକ କରାଯାଉ ବୋଲି ଉପନଗରପାଳ ଏବଂ ତାଙ୍କ ସମର୍ଥକ କାଉନସିଲରମାନେ ଦାବି କରିଥିଲେ। ଅନ୍ୟପଟେ ବେଲପାହାଡ ନଗରପାଳ ଏବଂ ତାଙ୍କ ସହଯୋଗୀ କାଉନସିଲରମାନେ ଉପନଗରପାଳ ଏବଂ ତାଙ୍କ ସହଯୋଗୀ କାଉନସିଲରଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଠିକାଦାରମାନଙ୍କ ବକେୟା ବିଲ ପ୍ରଦାନ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ବିନା କୌଣସି କାରଣରେ ବିରୋଧ କରାଯାଉଛି। ଏହାସହ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଆକାଉଣ୍ଟ ବିଭାଗ ପକ୍ଷରୁ ସମସ୍ତ ହିସାବ କିତାବ ପ୍ରଦାନ କରାଯାଇଛି। ତେଣୁ ବିକାଶ କାର୍ଯ୍ୟରେ ବାଧା ନଦେଇ ଏଥିରେ ଉପନଗରପାଳ ଏବଂ ତାଙ୍କ ସହଯୋଗୀ କାଉନସିଲରମାନେ ସାମିଲ ହୁଅନ୍ତୁ ବୋଲି ବେଲପାହାଡ ନଗରପାଳ କହିଛନ୍ତି।

## ଡିଏଭିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଝାରସୁଗୁଡ଼ା, ୮।୫ (ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ରେଡ଼କ୍ରସ ଦିବସ ପାଳନ ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ହେନରୀ ଡୁନାଣ୍ଟଙ୍କ ପ୍ରତିଫଳକରେ ମାଲ୍ୟାର୍ପଣ କରାଯାଇଥିଲା। ବେଦାନ୍ତ ତରଫରୁ ଡାକ୍ତର ଭାଗ୍ୟ ବିଧାୟକ ମଙ୍ଗରାଜ, ଡାକ୍ତର ରାଜା ରାମ, ସ୍ୱାସ୍ଥ୍ୟ ବିଭାଗୀୟ କର୍ମକର୍ତ୍ତା ବେଦ ପ୍ରସାଦ ଡୋରାଙ୍କ ସହିତ ତାଙ୍କ ମେଡିକାଲ ଟିମ ଆସି ଡିଏଭିରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ରକ୍ତଚାପ, ରକ୍ତ ଶର୍କରା ପରୀକ୍ଷା ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶ୍ୱ ରେଡ଼ କ୍ରସ ଦିବସ ପାଳନ କାର୍ଯ୍ୟକ୍ରମକୁ ନିତ୍ୟାନନ୍ଦ ସାହୁ, ହେମଲତା ଜୟସ୍ୱାଲ, ଅନାମିକା ରାନୀ ଓ ରଶ୍ମିରେଖା ଶର୍ମା ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ବିଜୟକୃଷ୍ଣ ଛତ୍ରିଆ ଓ ଛାତ୍ରୀ ପ୍ରିୟଙ୍କା ଦାସ ମାନବସେବା, ସ୍ୱାସ୍ଥ୍ୟ ସଚେତନତା ଏବଂ ରେଡ଼କ୍ରସର ସେବାମୂଳକ କାର୍ଯ୍ୟକଳାପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଜୁନିଅର ରେଡ଼କ୍ରସ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।




# ଅନ୍ତର୍ଜାତୀୟ ରେଡକ୍ରସ ଦିବସ



ଝାରସୁଗୁଡା, ୮।୫(ସମିସ)

ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ରେଡକ୍ରସ ପକ୍ଷରୁ ଆଜି ଦଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହରେ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଯୋଗଦେଇଥିଲେ। ମାନସିକତାରେ ପରିବର୍ତ୍ତନ ଆଣି ନିସ୍ୱାର୍ଥପର ସେବା ମନୋଭାବ ଗଢ଼ି ତୋଳିବା ସହ ସମାଜର ପ୍ରତ୍ୟେକ ଲୋକଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଯୋଗଦେଇଥିଲେ। ସହକାରୀ ଜିଲ୍ଲାପାଳ (ରେଡକ୍ରସ ଶାଖା) ମୃତ୍ୟୁଞ୍ଜୟ ଶବର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଦେଇଥିଲେ। ସମସ୍ତଙ୍କୁ ସମାଜସେବା ଓ ରକ୍ତଦାନ ପ୍ରତି ଆଗ୍ରହୀ ହେବା ପାଇଁ ଆହ୍ୱାନ କରାଯାଇଥିଲା।

### ପିଏମ୍ ଶ୍ରୀ ଓପିଏମ ବାଳିକା ଉଚ୍ଚ ବିଦ୍ୟାଳୟ

ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ସ୍ଥିତ ପିଏମଶ୍ରୀ ଓପିଏମ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆଜି ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଜୁନିଅର୍ ରେଡକ୍ରସ ପରାମର୍ଶଦାତ୍ରୀ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ପ୍ରଧାନ, ଅନ୍ୟ ଶିକ୍ଷକ ପ୍ରଦୀପ ନାୟକ, ସସ୍ମିତା ଜେନା ଏବଂ ପ୍ରତିଭା ମହାପାତ୍ର ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରତିଭା ମହାପାତ୍ର ଏ ବର୍ଷର ଥିମ 'ମାନବିକତାକୁ ବଞ୍ଚାଇ ରଖ' ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦୀପ ନାୟକ, ଲୋକନାଥ ବାରିକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



